





ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୪ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 24 JANUARY 2022
Vol.No. 33 ■ No. 23 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପଂଚାୟତ ନିର୍ବାଚନରେ ୨ ଲକ୍ଷ ୨୦ ହଜାର ୪୧୪ ପ୍ରାର୍ଥୀ ଯୋଗ୍ୟ

ଭୁବନେଶ୍ୱର, ୨୩/୦୧ (ନି.ପ୍ର): ଆଗାମୀ ପଂଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ୨ ଲକ୍ଷ ୨୦ ହଜାର ୪୧୪ ଜଣ ପ୍ରାର୍ଥୀ ନିର୍ବାଚନରେ ଲଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିରୁ ୱାର୍ଡମେମ୍ବର ପାଇଁ ୧ ଲକ୍ଷ ୫୬ ହଜାର ୭୫୩, ସରପଂଚ ପାଇଁ ୩୨ ହଜାର ୮୬୦, ସମିତି ସଭ୍ୟ ପାଇଁ ୨୭ ହଜାର ୩୪ ଓ ଜିଲ୍ଲା ପରିଷଦ ସଭ୍ୟ ପାଇଁ ୩ହଜାର ୭୬୭ ଜଣ ପ୍ରାର୍ଥୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅପରପକ୍ଷରେ ୮୬୪୮ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ୍ ହୋଇଯାଇଛି। ଏଥିରେ ୱାର୍ଡମେମ୍ବର ପାଇଁ ନାମାଙ୍କନ ଦାଖଲ କରିଥିବା



୫୫୪୪ ଜଣ, ସରପଂଚ ପାଇଁ ୧୭୫୩, ପଂଚାୟତ ସମିତି ପାଇଁ ୧୧୧୯ ଜଣ ଓ ଜିଲ୍ଲା ପରିଷଦ ସଭ୍ୟ ପାଇଁ ୨୩୨ ଜଣ ଅଛନ୍ତି। ରାଜ୍ୟ ନିର୍ବାଚନ କମିଶନରଙ୍କ ସଚିବ ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଯେ ପଂଚାୟତ ନିର୍ବାଚନ ପାଇଁ ଗତ ୧୭ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ହୋଇଥିଲା। ରାଜ୍ୟର ୩୦ ଜିଲ୍ଲାରେ ମୋଟ୍ ୨ ଲକ୍ଷ ୨୯ ହଜାର ୬୨ ଜଣ ୱାର୍ଡମେମ୍ବର, ସରପଂଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ୱାର୍ଡମେମ୍ବର ପାଇଁ ସର୍ବାଧିକ ୧ଲକ୍ଷ ୬୨ ହଜାର ୨୯୭ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସରପଂଚ ପାଇଁ ୩୪ ହଜାର ୬୧୩ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ସମିତି ସଭ୍ୟ ପାଇଁ ୨୮ ହଜାର ୧୫୩ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ସେହିପରି ଜିଲ୍ଲା ପରିଷଦ ସଭ୍ୟ ପାଇଁ ୩ ହଜାର ୯୯୯ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଆସନ୍ତା ଫେବ୍ରୁଆରି ୧୬, ୧୮, ୨୦, ୨୨ ଓ ୨୪ରେ ବିଭିନ୍ନ ମତଦାନ କେନ୍ଦ୍ରରେ ଭୋଟିଂ ହେବ।

## ଇଣ୍ଡିଆ ଗେଟ୍ ଠାରେ ନେତାଜୀଙ୍କ ହଲୋଗ୍ରାମ୍ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୩/୦୧ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀସ୍ଥିତ 'ଇଣ୍ଡିଆ ଗେଟ୍' ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଏକ 'ହଲୋଗ୍ରାମ୍' ପ୍ରତିମୂର୍ତିକୁ ଉନ୍ମୋଚନ କରିଛନ୍ତି। ଏଠାରେ ହିଁ ନେତାଜୀଙ୍କ ଏକ ପ୍ରତିମୂର୍ତି ଖୁବ୍ ଶୀଘ୍ର ସ୍ଥାପିତ ହେବ। ଏହି ପ୍ରତିମୂର୍ତିର ଉଦଘାଟନ ପରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଭାରତ ମା'ର ସାହସୀ ପୁଅ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜନ୍ମ ବାର୍ଷିକୀରେ ମୁଁ ତାଙ୍କୁ ପ୍ରଣାମ କରୁଛି। ଏହି ଦିନଟି ଐତିହାସିକ। ଏହି ସ୍ଥାନ ଯେଉଁଠାରେ ଆମେ ସମସ୍ତେ ଉପସ୍ଥିତ ଅଛେ ଏହା ମଧ୍ୟ ଐତିହାସିକ। ଆଜି ଆମେ ସ୍ୱାଧୀନତାର ଅମୃତ ମହୋତ୍ସବ



ପାଳନ କରୁଛୁ। ଏହି ଅବସରରେ ଆମେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ 'ସୁବାଷ ଚନ୍ଦ୍ର ବୋଷ ଆପାଦା ପ୍ରବନ୍ଧ' ପୁରସ୍କାର ବିତରଣ କରିଥିଲେ। ଏହି ପୁରସ୍କାରଗୁଡିକ ୨୦୧୯,୨୦୨୦,୨୦୨୧ ଏବଂ ୨୦୨୨ ପାଇଁ ବଂଟନ କରାଯାଇଥିଲା। ଏହି ସମାରୋହରେ ମୋଟ ୭ ଜଣଙ୍କୁ ପୁରସ୍କାର ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୬ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୩/୦୧ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୬ ଜଣଙ୍କର ମୃତ୍ୟୁ ଘଟିଛି। ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୫୨୦ ହୋଇ ଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, କଟକ, କନ୍ଧମାଳ ଓ ସୁନ୍ଦରଗଡ ଜିଲ୍ଲାରେ ଜଣେ – ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

## ଟେଷ୍ଟିଂ କମିନାହିଁ, କିନ୍ତୁ ସଂକ୍ରମଣ କମିଛି : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୩/୦୧ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ଧୀରେ ଧୀରେ କମିବା ଆରମ୍ଭ ହୋଇଛି। ଗତ ୧୨ ତାରିଖ ଠାରୁ ଏହିପରି ଭାବେ ସଂକ୍ରମଣ କମିବା ଆରମ୍ଭ ହୋଇଛି। କିନ୍ତୁ ଟେଷ୍ଟିଂ ସଂଖ୍ୟା କମିନାହିଁ। ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ ଏହା କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଟେଷ୍ଟିଂ ସଂଖ୍ୟା ବଢାଯାଇଛି। ଯାହାକି ୭୦ ହଜାର ଉପରେ ରହିଛି। ତେଣୁ ଆମକୁ ପିକ ଛୁଇଛେ ନା ନାହିଁ ଏଥିପାଇଁ ପାଇଁ ଆଉ ୨ ରୁ ୪ ଦିନ ଅପେକ୍ଷା କରିବାକୁ ପଡିବ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ଏହାର କାରଣ ଦ୍ୱିତୀୟ ଲହରରେ ଅନେକ ବିଶେଷଜ୍ଞ ଜୁଲାଇ ମାସରେ କମିବ ବୋଲି ଆକଳନ କରିଥିଲେ। କିନ୍ତୁ ଏହାକୁ କମିବାକୁ ଅକ୍ଟୋବର ମାସ ଯାଏଁ ଲାଗିଥିଲା।। ଆସନ୍ତା କିଛି ଦିନ ଆମ ପାଇଁ ଗୁରୁତ୍ୱ ପୂର୍ଣ୍ଣ। ତେବେ ଆମେ ଦେଶ ଅପେକ୍ଷା ଭଲ ସ୍ଥିତରେ ଅଛନ୍ତି। ପଜିଟିଭିଟି ଅପେକ୍ଷା ଆମର ଗୁରୁତର ରୋଗୀଙ୍କ ସଂଖ୍ୟା ମଧ୍ୟ କମ୍ ରହିଛି। ନିୟମିତ ଭାବେ ରାଜ୍ୟ ସରକାର ପୁରା ସ୍ଥିତି ଉପରେ ନଜର ରଖିଥିବା ସେ ପ୍ରକାଶ କରିଛନ୍ତି।

## ଓଡ଼ିଶାରେ ହରିୟାଣା ପୋଲିସର ଦବଙ୍ଗଗିରି

ଭୁବନେଶ୍ୱର,୨୩/୦୧(ନି.ପ୍ର): ଏକ ଚୋରି ଘଟଣାର ତଦନ୍ତ କରିବାକୁ ଓଡିଶା ଆସିଥିବା ହରିଆଣା ପୋଲିସର ଦବଙ୍ଗଗିରି ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲାରେ। ଅଭିଯୁକ୍ତ ସମେତ ପରିବାରର ସମସ୍ତଙ୍କ ଉଠାଇ ନେଇଥିବା ପୋଲିସକୁ ଛାଡିଦେବାକୁ ଗ୍ରାମବାସୀ ନେହୁରା ହେବାରୁ ବନ୍ଧୁକ ଦେଖାଇ ଡରାଇଛି ହରିୟାଣା ପୋଲିସ। ଖବର ସଂଗ୍ରହ କରିବାକୁ ଯାଇଥିବା ସାମ୍ବାଦିକଙ୍କୁ ବି ଛାଡି ନଥିଲା। ବାଲେଶ୍ୱର ଖନ୍ତାପଡା ଥାନାରୁ ଆସିଛି ଅଭାବନୀୟ ଦୃଶ୍ୟ। କୌଣସି ଏକ ମାମଲାରେ ଅଭିଯୁକ୍ତକୁ ଧରିବା ପାଇଁ



ଓଡିଶା ଆସିଥିବା ହରିୟାଣା ପୁଲିସର ଏକ ଟିମ୍ ଖନ୍ତାପଡା ଥାନାରେ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିଥିଲେ। ଏପରକିକି ଫଟୋ ଉଠାଉଥିବା ଜଣେ ସାମ୍ବାଦିକଙ୍କୁ ବି ମାଡ ମାରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଏକ ମାମଲାରେ ଅଭିଯୁକ୍ତ ଥିବା ଜଣେ ଯୁବକଙ୍କୁ ଖୋଜିବା ପାଇଁ ଖନ୍ତାପଡାର ▶▶ପୃଷ୍ଠା ୭

## ଲକଡାଉନ୍ ଫର୍ମୁଲାକୁ ଆପଣେଇଲେ କେରଳ ସରକାର

ଥିରୁଅନନ୍ତପୁରମ, ୨୩/୦୧ (ନି.ପ୍ର): କେରଳରେ ତୃତୀୟ ଲହରକୁ ବ୍ରେକ୍ ଦେବାକୁ ରାଜ୍ୟ ସରକାର ଲକଡାଉନ୍ ଫର୍ମୁଲାକୁ ଆପଣେଇଛନ୍ତି। ସଂକ୍ରମଣ ବେଗକୁ ହ୍ରାସ କରିବା ପାଇଁ ଦୁଇଟି ରବିବାର ଲକଡାଉନ୍ ଘୋଷଣା କରାଯାଇଛି। ଜାନୁଆରୀ ୨୩ ଏବଂ ଜାନୁଆର ୩୦ ଦୁଇଟି ରବିବାର ତାଲାବନ୍ଦ ଘୋଷଣା କରାଯାଇଛି। ଏହି ଦିନ କେବଳ ଜରୁରୀକାଳୀନ ସେବାକୁ ଅନୁମତି ଦିଆଯାଇଛି। ଏକ ଉଚ୍ଚସ୍ତରୀୟ ବୈଠକରେ କୋଭିଡ୍ ସ୍ଥିତି ସମୀକ୍ଷା କରି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଦୁଗ୍ଧ, ଖବରକାଗଜ, ମାଛ, ମାଂସ, ଫଳ ଏବଂ ପନିପରିବା ଭଳି ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୟ କରୁଥିବା ଦୋକାନଗୁଡିକ ସକାଳ ୭ଟାରୁ ଟାରୁ ଦିନ ୯ ଟା ପର୍ଯ୍ୟନ୍ତ ଖୋଲିବାକୁ ଅନୁମତି ଦିଆଯାଇଛି। ସରକାରଙ୍କ ଏହି ନିୟମକୁ ପୁଲିସ ପ୍ରଶାସନ ପକ୍ଷରୁ



କଡ଼ାକଡ଼ି ପାଳନ କରାଯାଇଛି। ଅଧିକାଂଶ ପ୍ରାଇଭେଟ ଯାନକୁ ପୁଲିସ ଅଟକାଇ ଦେଇଛି। କେବଳ ଜରୁରୀକାଳୀନ ଉଦ୍ଦେଶ୍ୟରେ ଯାତ୍ରା କରୁଥିବା ବ୍ୟକ୍ତିଙ୍କୁ ଛଡ଼ାଯାଉଛି। ଏଥିପାଇଁ ସେମାନଙ୍କୁ ଆବଶ୍ୟକୀୟ ପ୍ରମାଣପତ୍ର ଦେଖାଇବାକୁ ପଡ଼ିଥିଲା। ହୋଟେଲ ଏବଂ ମେଡିକାଲ ଷ୍ଟୋର୍ରେ କେବଳ ପାର୍ସଲ୍ ସେବା ଅନୁମତି ଦିଆଯାଇଛି। ମିଡିଆ ହାଉସ୍ ଏବଂ ଟେଲିକମ୍-ଇଣ୍ଟରନେଟ୍ ସେବାକୁ ଅନୁମତି ଦିଆଯାଇଛି। କେରଳରେ ଶନିବାର ୪୫୧୩୬ଟି ନୂତନ ପଜିଟିଭ ମାମଲା ରିପୋର୍ଟ ହୋଇଛି। ଏଥିସହ ରାଜ୍ୟରେ ମୋଟ ସଂକ୍ରମଣ ସଂଖ୍ୟା ୫୫,୭୪,୭୦୨କୁ ବୃଦ୍ଧି ପାଇଛି। ସେହିପରି ରାଜ୍ୟରେ ଗୁରୁବାର ୪୬,୩୮୭ଟି ମାମଲା ରେକର୍ଡ଼ ହୋଇଥିଲା।

## ଓମିକ୍ରନ୍‌ର ନୂଆ ପ୍ରଜାତି ବିଏ.୨ ଉପରେ ଅନୁସନ୍ଧାନ: ବ୍ରିଟେନ୍‌ରେ ୪୨୬ଟି ମାମଲା ଚିହ୍ନଟ

ନୂଆଦିଲ୍ଲୀ,୨୩/୦୧: ବ୍ରିଟେନ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଓମିକ୍ରନ୍ ଭାରିଆଣ୍ଟର ଆଉ ଏକ ଉପ ପ୍ରଜାତି ବିଏ.୨ ଉପରେ ଅନୁସନ୍ଧାନ ଚଳାଇଛନ୍ତି। ବ୍ରିଟେନ ସ୍ୱାସ୍ଥ୍ୟ ସଚିବ ବିଏ.୨କୁ ଅନୁସନ୍ଧାନାଧୀନ ଭାରିଆଣ୍ଟ ବୋଲି କହୁଛନ୍ତି। ବିଏ.୨କୁ ଭାରିଆଣ୍ଟ ଅଫ୍ କନସର୍ନ ବୋଲି ଏ ପର୍ଯ୍ୟନ୍ତ କୁହାଯାଇ ନାହିଁ। ଓମିକ୍ରନ୍ ଭାରିଆଣ୍ଟର ଏହି ସବ୍-ଲାଇନେଜ୍‌ର ଓମିକ୍ରନ୍‌ରେ ଦେଖାଯାଉଥିବା ନିର୍ଦ୍ଦିଷ୍ଟ ପ୍ରକାର ମ୍ୟୁଟେସନ ନାହିଁ, ଯାହାଫଳରେ ଏହାକୁ ଡେଲ୍‌ଟାରୁ ଅଲଗା ବୋଲି ସହଜରେ ଚିହ୍ନିହୁଏ ନାହିଁ। ଏହି ନୂଆ ପ୍ରଜାତି ଦ୍ୱାରା ଇଂଲାଣ୍ଡରେ ଏପର୍ଯ୍ୟନ୍ତ ୪୨୬ ଜଣ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଏହା ସହିଦ ଡେନ୍‌ମାର୍କ, ଭାରତ, ସ୍ୱିଡେନ ଓ ସିଙ୍ଗାପୁରରେ ଏହି କିସମ ଚିହ୍ନଟ ହେବା ସହ ଅଧିକ ତଥ୍ୟ ଆହରଣ ଓ ଗବେଷଣା ରହିଛି। ଏହି ନୂଆ କିସମ-ଜନିତ ସଂକ୍ରମଣ ବଢୁଥିବା ଡେନ୍‌ମାର୍କ ରିପୋର୍ଟ କରିଛି। ଏପରି କି ନୂଆ ବର୍ଷର ପ୍ରଥମ ଦୁଇ ସପ୍ତାହ ଭିତରେ ଯେତିକି ସଂକ୍ରମଣ ହୋଇଛି, ତାହାର ୪୫ ପ୍ରତିଶତ ଏହି ପ୍ରଜାତି ଦ୍ୱାରା ହୋଇଥିବା ରିପୋର୍ଟ ମିଳିଛି। ଡେନ୍‌ମାର୍କର ଗବେଷକମାନେ କହିଛନ୍ତି ଯେ, ଓମିକ୍ରନ୍‌ର ଏହି ସବ୍-ଲାଇନେଜ୍ ଦ୍ୱାରା କୋଭିଡ୍ ସଂକ୍ରମଣ ଦୁଇଟି ଶିଖର ଛୁଇଁପାରେ।

## କେନ୍ଦ୍ର ସରକାରଙ୍କ ଚେତାବନୀ, ଦେଶରେ ଆରମ୍ଭ ହୋଇଛି ଓମିକ୍ରନର ଗୋଷ୍ଠୀ ସଂକ୍ରମଣ

ନୂଆଦିଲ୍ଲୀ,୨୩/୦୧: ଦେଶରେ କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ ଏବେ ଗୋଷ୍ଠୀ ସଂକ୍ରମଣ ଆଡକୁ ଗତି କରୁଛି ବା ଗୋଷ୍ଠୀ ସଂକ୍ରମଣ ଅବସ୍ଥାରେ ପହଂଚି ସାରିଛି ବୋଲି କେନ୍ଦ୍ର ସରକାର ସୂଚନା ଦେଇଛନ୍ତି। ଏନେଇ ଓଘଝଇଉଢଏ କହିଛି କି ଏହାର ପ୍ରଭାବ ଏବେ ଦେଶର ଅନେକ ମହାନଗରୀରେ ଦେଖିବାକୁ ମିଳିଛି। ଏହାସହ ଦେଶରେ ଓମିକ୍ରନର ଉପ-ସ୍ୱରୂପ ବିଏ.୨ ଭୁତାଣୁ ବି ଚିହ୍ନଟ ହୋଇଥିବା ସୂଚନା ଦିଆଯାଇଛି। ଓଘଝଇଉଢଏ ଜାନୁଆରୀ ୧୦



ତାରିଖର ବୁଲେଟିନକୁ ରବିବାର ଦିନ ଜାରି କରି କହିଛି କି ଏବେ ଅଧିକାଂଶ ଓମକ୍ରନ ସଂକ୍ରମିତଙ୍କ ଠାରେ ଲକ୍ଷଣ ଦେଖା ଯାଉନାହିଁ ବା ସ୍ୱଳ୍ପ ଲକ୍ଷଣ ଦେଖିବାକୁ ମିଳୁଛି। ଏନେଇ ସଂକ୍ରମିତମାନେ ମେଡିକାଲରେ ଭର୍ତ୍ତି ହେବାରେ ଲାଗିଛନ୍ତି। ଏହାସହ କୁହାଯାଇଛି କି ଓମିକ୍ରନ ଏବେ ଭାରତରେ ଗୋଷ୍ଠୀ ସଂକ୍ରମଣ ପର୍ଯ୍ୟାୟରେ ପହଂଚିସାରିଛି। କହିରଖୁ କି ଦେଶରେ ଗତ ୨୪ ଘଂଟା ମଧ୍ୟରେ ୩,୩୩,୫୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାସହ କରୋନା ସଂକ୍ରମଣରେ ଗତ ୨୪ ଘଂଟା ମଧ୍ୟରେ ୫୨୫ ଜଣଙ୍କ ଜୀବନ ଯାଇଛି। ଅନ୍ୟପଟେ ଏହାକୁ ମିଶାଇ ଦେଶରେ କରୋନା ସଂକ୍ରମିତଙ୍କ ସକ୍ରିୟ ମାମଲା ୨୧,୮୭,୨୦୫ କୁ ବୃଦ୍ଧି ପାଇଛି।

## ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁଙ୍କୁ କରୋନା

ନୂଆଦିଲ୍ଲୀ,୨୩/୦୧: ଭାରତର ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁ କୋଭିଡ୍‌ରେ ଆକ୍ରାନ୍ତ ହୋଇଛନ୍ତି। ସେ ଏକ ସପ୍ତାହ ପାଇଁ ଆଇସୋଲେସନରେ ରହିବେ। ଟ୍ୱିଟରରେ ତାଙ୍କ ସଚିବ ଏହି ସ୍ୱଚନା ଦେଇଛନ୍ତି। ଏଥିସହ ନିକଟରେ ତାଙ୍କ ସହ ଯେଉଁମାନେ କଣ୍ଟାକ୍ଟରେ ଆସିଛନ୍ତି ସେମାନଙ୍କୁ କୋଭିଡ୍ ଟେଷ୍ଟ କରିବାକୁ ପରାମର୍ଶ ଦେଇଚନ୍ତି ଭେଙ୍କିୟା ନାଇଡୁ। ରବିବାର ନେତାଜୀ ସୁବାଶ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ ଅବସରରେ ଭେଙ୍କିୟା ନାଇଡୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ହାଇଦ୍ରାବାଦରେ ସୁବାଶ ଚନ୍ଦ୍ର



ବୋଷଙ୍କର ଫଟୋରେ ମାଲ୍ୟାପର୍ଣ କରିଛନ୍ତି ଭେଙ୍କିୟା। ଏହି ଫଟୋ ଭେଙ୍କିୟା ନାଇଡୁଙ୍କ ଟ୍ୱିଟର ଆକାଉଣ୍ଟରେ ପୋଷ୍ଟ ହୋଇଛି। ଜଣେ ମହାନ ଜାତୀବାଦୀ, ସ୍ୱାଧୀନତା ସଂଗ୍ରାମୀ ଏବଂ ଜଣେ ଦୂରଦର୍ଶୀ ନେତା ସୁବାଶ ଚନ୍ଦ୍ରଙ୍କ ପ୍ରତି ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ଭେଙ୍କିୟା ଉଲ୍ଲେଖ କରିଛନ୍ତି।

## କୋଟିଆରେ ସର୍ବଦଳୀୟ ଆଲୋଚନା ବିଫଳ

କୋରାପୁଟ, ୨୩/୦୧ (ନି.ପ୍ର): ସର୍ବଦଳୀୟ କମିଟିର ନିଷ୍ପତ୍ତିରେ ସହମତି ହୋଇପାରୁନାହାନ୍ତି ଦୁଇ ଜିଲ୍ଲା ପରିଷଦ ପ୍ରାର୍ଥୀ ଟିକାଇ ଗେମେଲ ଏବଂ ସାବିନା ବୁଢ଼ିଆ। ଆଜି ପୁଣି ବହୁ ସମୟ ଧରି ବୁଝାସୁଝା ସତ୍ତ୍ୱେ ନିଜ ନିଜ ଜିଦ୍ ?ରେ ଦୁହେଁ ଅଟଳ ରହିଛନ୍ତି। ଏପରିକି ଯେଉଁ ଯୁକ୍ତି ଉପସ୍ଥାପନ କରିଛନ୍ତି ତାହା ବି ସର୍ବଦଳୀୟ କମିଟିର ଚିନ୍ତାକୁ ବଢ଼ାଇ ଦେଇଛି। ତେଣୁ କୋଟିଆ ପ୍ରସଙ୍ଗରେ ସର୍ବଳଦୀୟ ନେତା ନେଇଥିବା ନିଷ୍ପତ୍ତିକୁ ନେଇ ଏବେ ପ୍ରଶ୍ନ ଉଠିବା



ଆରମ୍ଭ ହୋଇଛି। ଯଦି ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଦୁଇ ପ୍ରାର୍ଥୀ ରାଜି ନ ହୁଅନ୍ତି ତେବେ ବିଷମ ପରିସ୍ଥିତି ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଛି। ବିବାଦୀୟ ସ୍ଥିତିକୁ ଏଡ଼ାଇବା ଏବଂ ▶▶ପୃଷ୍ଠା ୭

## ଅରୁଣାଚଳ ପ୍ରଦେଶରୁ ନିଖୋଜ ଯୁବକଙ୍କ ମିଳିଲା ପତ୍ତା

### ଭାରତୀୟ ସେନା ସହ ଯୋଗାଯୋଗ କଲା ଚୀନ୍ ପିପୁଲ୍ସ ଲିବରେସନ ଆର୍ମି

ନୂଆଦିଲ୍ଲୀ,୨୩/୦୧: ଅରୁଣାଚଳ ପ୍ରଦେଶରୁ ଅପହୃତ ଯୁବକଙ୍କୁ ଫେରାଇବା ନେଇ ସୂଚନା ଦେଇଛି ଚୀନ। ମିଳିଥିବା ସୂଚନା ଅନୁସାରେ ଭାରତୀୟ ସେନା ସହ ଯୋଗାଯୋଗ କରିଛି ଚୀନର ପିପୁଲ୍ସ ଲିବରେସନ୍ ଆର୍ମି। ନିଖୋଜ ୧୭ ବର୍ଷୀୟ ଯୁବକଙ୍କ ପତ୍ତା ମିଳିଥିବା ସୂଚନା ଦେଇଛି ପିଏଲଏ। ଏପରିକି ଖୁବଶୀଘ୍ର ଆବଶ୍ୟକ ପ୍ରକ୍ରିୟା ଶେଷ କରି ଯୁବକଙ୍କୁ ଫେରାଇ ଦିଆଯିବ ବୋଲି ଚୀନ କହିଛି। ଗତ ୨୦ ତାରିଖରେ ଅରୁଣାଚଳ ପ୍ରଦେଶର ୧୭ ବର୍ଷୀୟ ଯୁବକ ନିଖୋଜ ହୋଇଥିବା ଜଣାପଡିଥିଲା। ଭାରତ-ଚୀନ୍ ସୀମା ଏଲଏସି ନିକଟରୁ ଯୁବକ ଜଣକ ନିଖୋଜ ହୋଇଯାଇଥିଲେ। ଏପରିକି ଚୀନ୍



ସେନା ଯୁବକଙ୍କୁ ଅପହରଣ କରିନେଇଥିବା ଅଭିଯୋଗ ହେବାପରେ ଆପତି କରିଥିଲେ ରାହୁଲ ଗାନ୍ଧୀ। ଆଉ ତାଙ୍କ ଆପତି ପରେ ଚୀନ୍ ପ୍ରତିପକ୍ଷଙ୍କ ସହ ସଂପର୍କ କରିଥିଲା ଭାରତୀୟ ସେନା। ଯୁବକଙ୍କୁ ଅପହରଣ କରାଯାଇଥିବା ଅରୁଣାଚଳ ପ୍ରଦେଶର ଜଣେ ସାଂସଦ ଦାବି କରିଥିଲେ। ସାଂସଦ ତାପିର ଗାଓ ଦାବି କରିଥିଲେ କି ଚୀନର ପିପୁଲ୍ସ ଲିବେରେସନ୍ ଆର୍ମୀ ମିରମ୍ ତରୁଣ ନାମକ ଜଣେ ଯୁବକଙ୍କୁ ଅପହରଣ କରିନେଇଛି।

# ଘର ଘର ବୁଲି ଭୋଟ ଭିକ୍ଷାକଲେ କୈଳାସ ଓ ନେତାଜୀ



ବାସୁଦେବପୁର,୨୩/୧ (ନି.ପ୍ର): ବାସୁଦେବପୁର ବ୍ଲକ ର ଆର୍ଡୁଙ୍ଗ ପଂଚାୟତ ରେ ଘର ଘର ବୁଲି ଲୋକଙ୍କ ଠାରୁ ଭୋଟ ଭିକ୍ଷା କରିଛନ୍ତି ୧୯ ନମ୍ବର ଜିଲ୍ଲା ପରିଷଦ ଜୋନ ର ଭାରତୀୟ ଜନତା ପାର୍ଟି ର ପ୍ରାର୍ଥୀ କୈଳାସ ଚନ୍ଦ୍ର ପଣ୍ଡା । ଏହା ସହିତ ଆର୍ଡୁଙ୍ଗ ପଂଚାୟତ ର ବିଜେପି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଗୀତାଞ୍ଜଳି ନାୟକ, ସମାଜସେବୀ ନେତାଜୀ ନାୟକ,ୱାର୍ଡ ମେମ୍ବର ପ୍ରାର୍ଥୀ ରତ୍ନାକର ବେହେରା ଭୋଟ ଭିକ୍ଷା କରିଥିଲେ । ଆଗାମୀ ଦିନରେ ବିଜେପି ର ଭଲ ଫଳାଫଳ ରହିବ ଓ ଆମେ ଲୋକଙ୍କ ର ଅଧିକ ସେବା କରିପାରିବୁ ବୋଲି ଜିଲ୍ଲା ପରିଷଦ ପ୍ରାର୍ଥୀ ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ ।

# ଜାତୀୟ ଭୋଟର ଦିବସ ଉପଲକ୍ଷେ ପ୍ରତିଯୋଗିତା

ମାଲକାନଗିରି,୨୩/୧ (ନି.ପ୍ର): ଜାତୀୟ ଭୋଟର ଦିବସ ପ୍ରତ୍ୟେକ ବର୍ଷ ଜାନୁୟାରୀ ମାସର ୨୫ ତାରିଖ ଦିନ ପ୍ରତ୍ୟେକ ବୁଥ ସ୍ତରୀୟ , ବ୍ଲକ ସ୍ତରୀୟ , ସବଡ଼ିଭିଜନ ସ୍ତରୀୟ ଏବଂ ଜିଲ୍ଲା ସ୍ତରୀୟ ସାରା ଭାରତରେ ପାଳନ କରାଯାଇଥାଏ । ଚଳିତ ବର୍ଷ ପାଳନ ହେବାକୁ ଥିବା ୧୨ ତମ ଜାତୀୟ ଭୋଟର ଦିବସ ନିମନ୍ତେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ବିଶାଲ ସିଂଙ୍କର ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିବା ବେଳେ ୨୩ ତାରିଖ ଦିନ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନର ବ୍ୟବସ୍ଥା କରାଯାଇଛି । ସମସ୍ତ ପ୍ରତିଯୋଗିତା ଭାରତ ସରକାରଙ୍କ ମୁଖ୍ୟ ନିର୍ବାଚନ ଆୟୋଗ ଏବଂ ଓଡ଼ିଶା ସରକାରଙ୍କ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ଅନ୍ ଲାଇନ ମାଧ୍ୟମରେ କରାଯାଇଥିବା ବେଳେ ଆସନ୍ତା ୨୫ ତାରିଖରେ ୧୨ ତମ ଜାତୀୟ ଭୋଟର ଦିବସ ପାଳନ ସମୟରେ ସମସ୍ତ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବା ସହିତ ତତ୍ ସମ୍ବନ୍ଧୀୟ ମାନପତ୍ର ପ୍ରଦାନ କରାଯିବ । ବକ୍ତୃତା ପ୍ରତିଯୋଗିତାରେ ୧୩ ଟି ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୪ ଜଣ ଛାତ୍ର ଛାତ୍ରୀ ଯୋଗ ଦେଇଥିବା ବେଳେ ଚିତ୍ରାଙ୍କନରେ ୨୫ ଜଣ ପ୍ରତିଯୋଗୀ ରହିଥିଲେ । ଡେପୁଟି ଜିଲ୍ଲାପାଳ ଲଳିତ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମସ୍ତ ପ୍ରତିଯୋଗିତାରେ ଜିଲ୍ଲା ସୂଚନା ଅଧିକାରୀ ଅଜିତ କୁମାର , ନିର୍ବାଚନ ଉପ - ବିଭାଗୀୟ ଅଧିକାରୀ ଜୟଦେବ ଦାସ , କନିଷ୍ଠ ରାଜସ୍ୱ ସହାୟକ ପ୍ରଦ୍ୟୁମ୍ନ ନାହାକ ଓ ଜିଲ୍ଲା ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ସଭାପତି ଭଗବାନ ମାଳୀ ସମସ୍ତ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ସଂଯୋଜକ ଡଃ.ରଞ୍ଜନ କୁମାର ସ୍ୱାଇଁ ସମସ୍ତ ମହାବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାନଙ୍କୁ ଯୋଗା ଯୋଗ କରିବା ସଙ୍ଗେ ସଙ୍ଗେ ସମସ୍ତ ଆୟୋଜନ କରିବା ସହିତ ବକ୍ତୃତା ପ୍ରତିଯୋଗିତାରେ ବିଚାରକ ମଣ୍ଡଳୀରେ ଅଂଶ ଗ୍ରହଣ କରିଥିଲେ । ଏଥିରେ ସହାୟକ ଜିଲ୍ଲାପାଳ ସିଂଗ୍ଧ ଚୌଧୁରୀ ଏବଂ ଏ. ଈଶ୍ୱର ରାଓ , ପ୍ରଧାନ ଶିକ୍ଷକ ଅନ୍ୟତମ ବିଚାରକ ଭାବେ ଯୋଗ ଦେଇଥିଲେ ଓ ଡଃ.ଆଶିଷ ରାଠୋର ଏଥିେ ଟେକ୍ନିସେନ ଭାବେ ସମସ୍ତ ସହଯୋଗ କରିଥିଲେ ।

# ସିପିଆଇ ପକ୍ଷରୁ ଜୟପୁରରେ ବିକ୍ଷୋଭ ପ୍ରଦର୍ଶନ

ଜୟପୁର,୨୩/୧ (ନି.ପ୍ର): ଆଜି ଜୟପୁର ମୁଖ୍ୟ ଟ୍ରାଫିକ ଛକ ଏନ୍ ଏଚ୍ - ୨୬ ଉପରେ ଜଗତସିଂହପୁର ଢ଼ିଙ୍କିଆ ଅଂଚଳରେ ଚାଲିଥିବା ପୋଲିସ ଆତଙ୍କରାଜ ବିରୁଦ୍ଧରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) କୋରାପୁଟ ଜିଲ୍ଲା ପକ୍ଷରୁ ସ୍ୱର ଉତୋଳନ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଦାବି କରାଯାଇଛି ଯେ, ତୁରନ୍ତ ଢ଼ିଙ୍କିଆ ଅଂଚଳରୁ ପୋଲିସ୍ ପ୍ରତ୍ୟାହାର କରାଯାଉ, ଜୋର୍ ଜବରଦସ୍ତ ପାନବରଜ ଭାଙ୍ଗି ଜମିରୁ ସାଧାରଣ ଲୋକଙ୍କୁ ବାହାର କରିବା ବନ୍ଦ କର, ଗିରଫ ନେତା ମାନଙ୍କୁ ତୁରନ୍ତ ଖଲାସ କର, ପୋଲିସ୍ ର ଅମାନୁଷିକ ଆକ୍ରମଣର ଏସ୍ ଆଇ ଟି ଦ୍ୱାରା ତଦନ୍ତ କରାଯାଉ, ଓଡ଼ିଶାର ଖଣି ଖାଦାନ ଲୁଟେରା ମାନଙ୍କ ହାତକୁ ଟେକି ଦେଇ ନବୀନ ସରକାର ଓଡ଼ିଶାର ଜଙ୍ଗଲ ଅଂଚଳକୁ ନିର୍ଶ୍ଚିହ୍ନ କରିବାକୁ ବସିଛି । ଏ ସମସ୍ତ ରାଜ୍ୟ ସ୍ୱାର୍ଥ ବିରୋଧୀ କାର୍ଯ୍ୟ ଚାଲିଥିଲାବେଳେ ବେକାର ସଂଖ୍ୟା ବଢ଼ି ଚାଲିଛି । ଶହ ଶହ କଳକାରଖାନା ନବୀନ ପଟ୍ଟନାୟକ ସରକାର ଅମଳରେ ବନ୍ଦ ହୋଇ ପଡ଼ିଛି । ସେହି ବନ୍ଦ କଳକାରଖାନା ସବୁ ଚାଲୁ କରିବା ପାଇଁ ଦାବି ହୋଇଛି । ତୁରନ୍ତ ଓଡ଼ିଶାର ଖଣି ଖାଦାନକୁ ଲୁଟେରା ମାନଙ୍କ ଠାରୁ ରକ୍ଷା କରିବା ପାଇଁ କମ୍ୟୁନିଷ୍ଟ ପାର୍ଟି ଆହ୍ୱାନ ଦେଇଛି । ଜମି, ଜଳ, ଜଙ୍ଗଲ ଉପରେ ମଣିଷର ଅଧିକାରକୁ ସୁନିର୍ଶ୍ଚିତ କରିବା ପାଇଁ ସଂଯୁକ୍ତ କିଷାନ୍ ମୋର୍ଚ୍ଚାର ଐତିହାସିକ ଦୀର୍ଘ କାଳୀନ ସଂଗ୍ରାମ ପ୍ରେରଣା ଦେଇଛି । ନବୀନ ସରକାରଙ୍କ ଜନବିରୋଧୀ ନୀତି ବିରୁଦ୍ଧରେ ଲଗାତାର ଗଣ ଆନ୍ଦୋଳନ ଜାରି ରଖିବା ପାଇଁ ଆହ୍ୱାନ ଦିଆଯାଇଛି । ଆଜିର ବିକ୍ଷୋଭରେ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ କୁମାର ମହାନ୍ତି, ଜିଲ୍ଲା ସହ ସମ୍ପାଦକ ରାମକୃଷ୍ଣ ଦାସ, ଯୁବନେତା ସତ୍ୟବ୍ରତ ନନ୍ଦ, ମନୋଜ ବେହେରା, ନନ୍ଦ ହରିଜନ, ପ୍ରମୁଖ ନେତୃତ୍ୱ ନେଇଥିଲେ ।

## କୋଭିଡ଼ କଟକଣା ଯୋଗୁଁ ଡ଼ିଜିଟାଲ ପ୍ରଚାର ଜମୁଛି

ପୁରୀ,୨୩/୧ (ନି.ପ୍ର): ଚଳିତବର୍ଷ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ସେତେଟା ଗହଳି ଦେଖିବାକୁ ମିଳିନାହିଁ । ବଡ଼ ବଡ଼ ହୋର୍ଡିଂ ଓ ବ୍ୟାନର ମଧ ଦେଖିବାକୁ ମିଳୁନି । କରୋନା କଟକଣା ଯୋଗୁଁ ଲୋକେ ଏକତ୍ରିକରଣ ହୋଇପାରୁ ନାହାନ୍ତି । ଯାହାଫଳରେ ପୂର୍ବରୁ ହେଉଥିବା ପ୍ରଚାର ସରଗରମ ଦେଖିବାକୁ ମିଳୁନାହିଁ । ସରପଂଚ, ସମିତସଭ୍ୟ ଓ ଜିଲ୍ଲାପରିଷଦ ସଭ୍ୟ ପ୍ରାର୍ଥୀମାନେ ଏଥର ନୂଆ ଡ଼ିଜିଟାଲ ମୋଡ଼ରେ ପ୍ରଚାର କରୁଛନ୍ତି । ଏହାସହ ଦର୍ଶନୀ ସଂଚାର(ଭିଡ଼ିଓ କନଫରେନସ୍) ମାଧ୍ୟମରେ ପ୍ରଚାର କରୁଛନ୍ତି । ପ୍ରତି ୱାର୍ଡ଼ରେ ପ୍ରାର୍ଥୀମାନେ ହ୍ୱାଟସପ୍ ଗ୍ରୁପ୍ ଓ ମେସେଞ୍ଜର ଜରିଆରେ ପ୍ରଚାରକୁ ଯୋରଦାର କରୁଛନ୍ତି । ପ୍ରାର୍ଥୀପତ୍ର ଦାଖଲ ସମୟରେ ଉଠା ଯାଇଥିବା ଫଟୋକୁ ଘନ ଘନ ଭାଇରାଲ କରାଯାଉଛି । ଏହାସହ ଫେସବୁକ୍‌ରେ ଭୋଟରଙ୍କୁ ସାଙ୍ଗକରି ପ୍ରଚାର ଚଳାଇଛନ୍ତି । ପ୍ରାର୍ଥୀ ନିଜ ସପକ୍ଷରେ ଭୋଟ ହାତେଇବା ପାଇଁ ଭିଡିଓଚିତ୍ର ଉତୋଳନ କରି ତାଙ୍କୁ କମ୍ପ୍ୟୁଟରରେ ସଂଯୋଗୀକରଣ କରି ହ୍ୱାଟସପ୍‌ରେ ଛାଡୁଥିବା ଦେଖିବାକୁ ମିଳିଛି । ଅନେକ ଭୋଟର ଏହାକୁ ପସନ୍ଦ କରୁଥିବାବେଳେ କେତେକ ଫୋନ ଷ୍ଟୋରେଜ ଜାମ ହେଉଛି ବୋଲି ମତ ଦେଇଛନ୍ତି ।

# ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘର ସାଧାରଣ ପରିଷଦ ବୈଠକ

କନ୍ଧମାଳ,୨୩/୧ (ନି.ପ୍ର): ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘର ସାଧାରଣ ପରିଷଦ ବୈଠକ ପାହାଡ ସୁଡୁକୁମ୍ପା ଠାରେ ସଭାପତି ରବୀନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଆବାହକ ଅଶୋକ ପରିଡା ନବ ବର୍ଷର ସ୍ୱାଗତ ଜଣାଇ ଶୁଭେଚ୍ଛା ଜ୍ଞାପନ କରିଥିଲେ । ପିଏଜିର କୋଷାଧକ୍ଷ ସ୍ୱର୍ଗତ ରବିନ୍ଦ୍ର କୁମାର ସାହୁଙ୍କ ସମେତ ଏସଏଫଡିସିର ବିଜୟ ସିଂ, ନୀପଡିତର ପୂର୍ବତନ କର୍ମୀ ପ୍ରତାପ କୁମାର ମୁଦୁଲି, ଡଃ. ଏମ ଏନ ବେଗ, ରାଜେନ୍ଦ୍ର କୋକଚା,ଡଃ ଏସ ଏନ ସୁବାରାଓ, ମନୋରମା ମହାପାତ୍ର, ଏବଂ ବିପ୍ର ଚରଣପଟ୍ଟନାୟକ, ମିହର ଦାସଙ୍କର ଇତି ମଧ୍ୟରେ ଦେହାନ୍ତ ହୋଇଯାଇଥିବାରୁ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ଅମର ଆତ୍ମା ର ସଦଗତି କାମନା କରି ଦୁଇମିନିଟ ନୀରବ ପ୍ରାର୍ଥନା କରିଥିଲେ । ସରକାରଙ୍କ ସମାଜ ସେବା ଅନୁଷ୍ଠାନ ବିରୋଧୀ ମନୋଭାବରେ ପରିବର୍ତ୍ତନ ହେବା ଆବଶ୍ୟକ । ଦେଶ ବଜେଟର ଦେଢ ପ୍ରତିଶତ ପ୍ରାୟ ଅର୍ଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ପାଇ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥାନ୍ତି । ବିନା ଡାକରାରେ ବିନା ବଜେଟରେ ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟରେ ନିଜକୁ ବାଜି ଲଗାଇ ପହଂଚି ସମାଜ ସୁଧାରରେ ଲାଗିଥାନ୍ତି । କେତେକ ସ୍ୱେଚ୍ଛାସେବକ ସମାଜ ସ୍ୱୋ ପାଇଁ ବାହାରି ଥାନ୍ତି । ସେମାନେ ସରକାରଙ୍କ ଉପରେ ନିର୍ଭର କରନ୍ତି ନାହିଁ । ସରକାରଙ୍କ ଜନ ବିରୋଧୀ କାର୍ଯ୍ୟକୁ ପରାମର୍ଶ ଦେଇ ସୁଧାର କରିଥାନ୍ତି । କୌଣସି ମଡେଲ କାର୍ଯ୍ୟ ପାଇଁ ଅନୁଦାନ ପାଇଲେ ବିଭିନ୍ନ ସ୍ତରରେ ବିଭିନ୍ନ ଧରଣର ତଦାରଖ ବ୍ୟବସ୍ଥା ରହିଛି । ସମାଜ ସେବା କାର୍ଯ୍ୟକୁ ପ୍ରୋତ୍ସାହିତ କରିବାକୁ ସରକାର ସକାରାତ୍ମକ ମନୋଭାବ ନେଲେ ସମାଜରେ ଅନ୍ୟାୟ ଦୁର୍ନୀତି, ଶୋଷଣ ଲୁଟତରାଜ ନିୟନ୍ତ୍ରଣ ହୋଇ ସୁସ୍ଥ ସମାଜ ଗଠନ ହୋଇପାରିବ । କରୋନା ନ ବ୍ୟାପିବାକୁ ନିଜ ନିଜ ସ୍ତରରେ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା ଅନ୍ୟ କାର୍ଯ୍ୟ ମଧ୍ୟରେ ମନରେଗା ମେସିନ କାମକୁ ସବୁ ଅନୁଷ୍ଠାନ ବ୍ଲକରେ ଏକାଠି ହୋଇ ପ୍ରତିବାଦ କରିବା ଓ ପ୍ରେସକୁ ଦେବାକୁ ସୂଚନା ଦିଆଯାଇଥିଲା । ମନରେଗାରେ କାମ କରି ମାସ ମାସ ବର୍ଷ ବର୍ଷ ମଜୁରୀ ପାଉନ ଥିବାରୁ ଉଦବେଗ ପ୍ରକାଶ ପାଇଥିଲା । ମନରେଗା ସମସ୍ୟା ଉପରେ ତଥ୍ୟ ସଂଗ୍ରହ କରି ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ନିଆଯାଇଥିବା ନିଷ୍ପତି ଉପରେ ସୂଚନା ଦିଆଗଲା । ପିଏଜି ର ମାର୍ଗଦର୍ଶକ ରାମଚନ୍ଦ୍ର ଦାସଙ୍କ ସହିତ ଉପସଭାପତି ସୁକାନ୍ତ ନାୟକ, ପ୍ରଦୀପ ଦାସ,ହରିଶଙ୍କର ରାଉତ,ଲିଙ୍ଗରାଜ ପ୍ରଧାନ, ଶଶାଙ୍କ ଶେଖର ସାହୁ,ବରଦା ପ୍ରଶନ୍ନ ନାୟକ ପ୍ରମୁଖ ସଦସ୍ୟ ଅନୁଷ୍ଠାନମାନେ ଯୋଗଦାନ କରିଥିଲେ । ଶେଷରେ ଆହେଡର ସଂମ୍ପାଦକ ରାଜୀବ କୁମାର ମିଶ୍ର ଆତିଥେୟତା କରିଥିବା ପାହାଡ ଅନୁଷ୍ଠାନର ପଞ୍ଚାନନ ମିଶ୍ର ସମେତ କର୍ମକର୍ତ୍ତା ଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇପିଏଫ ଟଙ୍କା ହରିଲୁଟ୍ ଘଟଣା : ବାଣପୁର ଏନଏସିର ସଫେଇ କର୍ମଚାରୀଙ୍କ ଆନ୍ଦୋଳନ

ଖୋର୍ଦ୍ଧା,୨୩/୧ (ନି.ପ୍ର): ସଫେଇ କର୍ମଚାରୀଙ୍କ ଦରମାରୁ ଇପିଏଫ ଟଙ୍କା ହରିଲୁଟ ହେଉଥିବା ଅଭିଯୋଗ ନେଇ ବାଣପୁର ଏନଏସିର ସଫେଇ କର୍ମଚାରୀ ମାନେ ଶନିବାର ଆନ୍ଦୋଳନରେ ବସିବା ସହ ବାଣପୁର ମେଡିକାଲ ରାସ୍ତାକୁ ଅବରୋଧ କରିଛନ୍ତି । ଏପରିକି ସଫେଇ କର୍ମଚାରୀଙ୍କ ଦୀର୍ଘ ୧୪ ମାସ ଧରି ସେମାନଙ୍କ ମାସିକ ଦରମାରୁ ଇପିଏଫ ଏବଂ ଏସଆଇ ଅଂଶ ପାଖାପାଖି ୧୨୦୦ ଟଙ୍କା କଟାଯାଉଥିବା ବେଳେ ତାହାର ପ୍ରମାଣ ସେମାନଙ୍କ ପାଖେ ନାହିଁ ବୋଲି ଅଭିଯୋଗ କରୁଛନ୍ତି । ସୂଚନା ଅନୁଯାୟୀ, ଆଜିକୁ ଚାରି ଦିନ ହେଲା ଇପିଏଫ ପଇସା କାଟର ରସିଦ ଏବଂ ଅନ୍ୟାନ କାଗଜପତ୍ର ଦେଖେଇବା ଦାବିରେ କର୍ମଚାରୀମାନେ ସଫେଇ ବନ୍ଦ ରଖିଛନ୍ତି । କିନ୍ତୁ, ଆଜି ତହସିଲଦାର ଓ ପୋଲିସର ଉପସ୍ଥିତିରେ ଏନଏସି ପ୍ରଶାସନ ଅନ୍ୟ ସଫେଇ କର୍ମଚାରୀଙ୍କୁ ଆଣି ସହରରେ ସଫେଇ କାର୍ଯ୍ୟ ଆରମ୍ଭ କରାଇଥିଲା । ତେଣୁ ଏହାକୁ ବିରୋଧ କରି ମୂଳ ସଫେଇ କର୍ମଚାରୀ ମାନେ ଉତ୍ୟେକ୍ତ ହୋଇ ବାଣପୁର ମେଡିକାଲ ରାସ୍ତାରେ ଧାରଣ ଦେବାସହ ରାସ୍ତା ଅବରୋଧ କରିଛନ୍ତି । ଘଟଣାସ୍ଥଳରେ ଉତେଜନା ଲାଗି ରହିଥିବାରୁ ତହସିଲଦାର, ବାଲୁଗାଁ ଏସଡ଼ିପିଓ, ବାଣପୁର ଆଇଆଇସି, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତି ରହି ଉତ୍ୟେକ୍ତ ସଫେଇ କର୍ମଚାରୀଙ୍କୁ ବୁଝସୁଝା କରୁଛନ୍ତି । ଏନେଇ ବାଣପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ ଉକ୍ତ ସମସ୍ତ ଅଭିଯୋଗ ଭିତିହୀନ ବୋଲି କହିଛନ୍ତି । ଏପରିକି ସଫେଇ କର୍ମଚାରୀଙ୍କ ମାସିକ ଇପିଏଫ ପଇସା କାଟର ସମସ୍ତ ପ୍ରମାଣ ସେମାନଙ୍କୁ ଦେଖାଇ ଦିଆଯାଇଛି ବୋଲି କହିଛନ୍ତି ।

# ଉପ ଜିଲ୍ଲାପାଳଙ୍କୁ ଭେଟିଲେ ରାଣିଗଡ ଗ୍ରାମବାସୀ

ଜୟପୁର,୨୩/୧ (ନି.ପ୍ର): କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକର ରଣସପୁର ପଚାଂୟତ ଅନ୍ତର୍ଗତ ରାଣିଗଡ ଗ୍ରାମବାସୀ ଶନିବାର ଜୟପୁର ଉପ ଜିଲାପାଳଙ୍କ ଦାରସ୍ଥ ହୋଇଛନ୍ତି । ସମାଜସେବି ହରି ରାଓଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ ଉପ ଜିଲାପାଳଙ୍କୁ ଭେଟି ଏ ସମ୍ବଳିତ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି ।

ଏହି ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରାଣିଗଡ ଗ୍ରାମ ଠାରେ ୮୦ ପରିବାର ବସବାସ କରୁଥିବା ବେଳେ ସେମାନେ ସମସ୍ତେ ଗରିବ ଓ ଆଦିବାସୀ ଲୋକେ ଅଛନ୍ତି । ଏହି ଗ୍ରାମ ବୋରିଗୁମ୍ମା ମୁଖ୍ୟ କାର୍ଯ୍ୟାଳୟ ଠାରୁ ୨୪ କି.ମି. ଦୂରରେ ଅବସ୍ଥିତ । ସେଥିମଧ୍ୟରୁ ୪ କି.ମି. ରାସ୍ତା ଦୁର୍ଗମ ପାହାଡ଼ ଅଂଚଳ ଚଲା ପଥରେ ଅତିକ୍ରମ କରିବାକୁ ପଡେ । ଗ୍ରାମରେ ବିଜୁଳି, ପାନିୟ ଜଳ, ଶିକ୍ଷା, ସରକାରଙ୍କ ଆବାସ ଯୋଜନା, ରାସ୍ତା ନଥିବା ବେଳେ ଗ୍ରାମବାସୀ ମାନେ ଝରଣା ପାଣିକୁ ପାନିୟ ରୂପେ ବ୍ୟବହାର କରୁଛନ୍ତି । ଗ୍ରାମର କୈଣସି ଲୋକଙ୍କ ଦେହ ଖରାପ ହେଲେ ୪ କି.ମି. ରାସ୍ତାରେ ଖଟିଆ ମାଧ୍ୟମରେ ବୁହା ହୋଇ ଚିକିତ୍ସାଳୟକୁ ନେବାକୁ ହୁଏ । ସରକାରଙ୍କ କୈଣସି ଉନ୍ନତିମୂଳକ କାର୍ଯ୍ୟ ଏଠାରେ ପହଂଚି ପାରୁ ନଥିବାରୁ ଗ୍ରାମବାସୀ ମାନେ ପଚାଂୟତ ନିବାଚନ ବର୍ଜନ କରିବେ ବୋଲି ପ୍ରଶାସନକୁ ଲିଖିତ ଭାବେ ଜଣାଇଛନ୍ତି । ଗ୍ରାମର ସମସ୍ୟା ନେଇ ବାରମ୍ବାର ପ୍ରଶାସନକୁ ଜଣାଇଲେ ମଧ କର୍ଣ୍ଣପାତ କରୁ ନାହାଁନ୍ତି । ତେଣୁ ଗ୍ରାମର ପ୍ରାୟ ୪ ଶହ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଘେନୁ ଜାନି, ବଲି ମୁଦୁଲି, ଲେଲି ମୁଦୁଲି, ବୁଟୁ ମୁଦୁଲି ପ୍ରମୁଖ ଦାବୀ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି ।

# ଛାତ୍ରଙ୍କ ରେସିଂ କାର୍‌କୁ ନେଇ ଚର୍ଚ୍ଚା : କବାଡ଼ିଆଖାନା ଅଦରକାରୀ ସାମଗ୍ରୀରୁ ତିଆରି କଲେ ରେସିଂ କାର



କଟକ ,୨୩/୧ (ନି.ପ୍ର): ଅଦରକାରୀ ଗାଡ଼ି ପାର୍ଟସ୍‌କୁ ବ୍ୟବହାର କରି ରେସିଂ କାର ତିଆରି କରିଛନ୍ତି କଟକର ସୁଶାନ୍ତ ରାଉତ । ସୁଶାନ୍ତ ଏଥିପାଇଁ ଖର୍ଚ୍ଚ କରିଛନ୍ତି ୩୦ ହଜାର ଟଙ୍କା । କବାଡ଼ିଆଖାନାରୁ ସମସ୍ତ ଗାଡ଼ିର ପାର୍ଟସକୁ ସଂଗ୍ରହ କରି ସେ ପ୍ରସ୍ତୁତ କରିଛନ୍ତି ରେସିଂ କାର । ଏହା ପେଟ୍ରୋଲରେ ଚାଲୁଥିବା ବେଳେ ଏଭଳି ଏକ କାର୍ ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ଜଣେ ସ୍ନାତକ ଛାତ୍ର ହୋଇ ଏଭଳି ନିଆରା ଢଙ୍ଗରେ ରେସିଂ କାର ତିଆରି କରି ସେ ଚର୍ଚ୍ଚାର କେନ୍ଦ୍ର ପାଲଟିଛନ୍ତି । କଟକ ସ୍ଥିତ ପ୍ରତାପନଗରୀ ଠାରେ ବାସ କରୁଥିବା ହେମନ୍ତ କୁମାର ରାଉତ ଓ ସୁମିତ୍ରା ରାଉତଙ୍କ ପୁଅ ସୁଶାନ୍ତ ରାଉତଙ୍କ ବୟସ ୨୨ ବର୍ଷ । ବ୍ରାହ୍ମଣଝରିଲୋ କଲେଜର ଯୁକ୍ତ ତିନିର ବାଣିଜ୍ୟ ଛାତ୍ର । ଜଣେ ୟୁଟ୍ୟୁବର ଭାବେ ବେଶ ପରିଚିତ । ୨୦୧୯ ମସିହରୁ ଆରମ୍ଭ କରିଛନ୍ତି ୟୁଟ୍ୟୁବ । ଯେଉଁଥିରେ ବିଜ୍ଞାନ ଆଧାରିତ ଭିଡ଼ିଓ ଯଥା- ପିଲାଙ୍କ ସ୍କୁଲ ପ୍ରୋଜେକ୍ଟ, ବିଭିନ୍ନ ପ୍ରକାରର ଗାଡ଼ି ତିଆରି କରିବା ଉପରେ ଭିଡ଼ିଓ ପ୍ରସ୍ତୁତ କରି ସେ ଅପଲୋଡ଼ କରିଥାନ୍ତି । ଏହାସହ ୨୦୨୦ ମସିହାରେ ନିଜର ସ୍ନାତକ ପାଠ ପଢ଼ା ସାରିବା ପରେ ୟୁଟ୍ୟୁବ ଭିଡ଼ିଓ ବଜାୟ ରଖିବା ସହ ଏଭଳି ଏକ ରେସିଂ ଗାଡ଼ି ତିଆରି କରିଛନ୍ତି । ଘରେ ଥିବା ଏକ ପୁରୁଣା ବାଇକ୍‌କୁ ବିକିବା ପାଇଁ ସୁଶାନ୍ତଙ୍କ ବାପା କହିବା ପରେ ସୁଶାନ୍ତ ବାଇକ୍ ଇଞ୍ଜିନ ଖୋଲି ରଖି ବାକି ଜିନିଷ ବିକି ଦେଇଥିଲେ । ପରେ ସେହି ପୁରୁଣା ବାଇକର ଇଞ୍ଜିନ୍‌କୁ ସଜାଡ଼ି ଏଥିରେ କବାଡ଼ିଆଖାନାରୁ ଅନ୍ୟ ବାଇକ ଇଞ୍ଜିନ୍, ଷ୍ଟେରିଂ ବକ୍ସ, ଚକା, ସକବ୍‌ଜର ଇତ୍ୟାଦି ସଂଗ୍ରହ କରି ଏହି ରେସିଂ ଗାଡ଼ିକୁ ପ୍ରସ୍ତୁତ କରିଛନ୍ତି । ଏହି ଗାଡ଼ିର ବଡ଼ିକୁ ନିଜେ ସେ ଡ଼ିଜାଇନ କରିଛନ୍ତି । ଏହି ରେସିଂ ଗାଡ଼ି ତିଆରି କରିବା ପାଇଁ ତାଙ୍କୁ ୬ ମାସ ସମୟ ଲାଗିଥିବା ବେଳେ ସେ ଏବେ ଏ ପ୍ରକାର ରେସିଂ ଗାଡ଼ି ତିଆରି କରିବା ପାଇଁ ଅର୍ଡ଼ର ମଧ ରଖୁଛନ୍ତି । ଏ ନେଇ ସୁଶାନ୍ତ କହନ୍ତି ଯେ ପିଲାବେଳୁ ଏଭଳି ରେସିଂ ଗାଡ଼ି ପ୍ରତି ତାଙ୍କର ଦୁର୍ବଳତା ରହି ଆସିଛି । ଏଥିରେ ସେ ନିଜ କୌଶଳ ଓ ୟୁଟ୍ୟୁବର କିଛି ଟେକ୍‌ନିକ୍ ବ୍ୟବହାର କରି ଏଭଳି ରେସିଂ ଗାଡ଼ି ତିଆରି କରିଛନ୍ତି । ଏହା ସମ୍ପୂର୍ଣ୍ଣ ଭାବେ ଅଦରକାରୀ ସାମଗ୍ରୀକୁ ନେଇ ତିଆରି କରାଯାଇଛି । ଆଗାମୀ ଦିନରେ ଅଦରକାରୀ ଜିନିଷରୁ ଇଲେକ୍ଟ୍ରି ସାଇକେଲ, ଟ୍ରାଇସାଇକେଲ ପରି ସାମଗ୍ରୀ ବନାଇବାକୁ ଲକ୍ଷ୍ୟ ରଖିଥିବା ସୁଶାନ୍ତ କହିଛନ୍ତି ।

# ଅତନୁଙ୍କ ୭ ଜିଲ୍ଲା ପରିଷଦ ସଭ୍ୟଙ୍କୁ ନେଇ ସାମାଜିକ ଗଣମାଧ୍ୟମରେ ଜୋରଦାର ଚର୍ଚ୍ଚା

କେନ୍ଦ୍ରାପଡ଼ା,୨୩/୧ (ନି.ପ୍ର): ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଯୁବ ବିଧାୟକ ତଥା ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ୭ ଜଣ ଜିଲା ପରିଷଦ ସଭ୍ୟ/ସଭ୍ୟାକୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି । ଏହି ୭ ଜଣ ଜିଲା ପରିଷଦ ସଭ୍ୟ ହେଉଛନ୍ତି ଜୋନ ନଂ. ୧୯ର ପ୍ରାର୍ଥିନୀ ସସ୍ମିତା ସ୍ୱାଇଁ, ଜୋନ ନଂ. ୨୦ର ପ୍ରାର୍ଥୀ ସୁବୋଧ କୁମାର ଲେଙ୍କା, ଜୋନ ନଂ. ୨୧ର ପ୍ରାର୍ଥିନୀ ଅନୁରାଧା ସ୍ୱାଇଁ, ଜୋନ ନଂ. ୨୨ର ପ୍ରାର୍ଥୀ ଅପୁ ପରିଡ଼ା, ଜୋନ ନଂ. ୨୩ର ପ୍ରାର୍ଥୀ ମୃତ୍ୟୁଞ୍ଜୟ ମଣ୍ଡଳ, ଜୋନ ନଂ. ୨୫ର ପ୍ରାର୍ଥିନୀ ଦୁର୍ଗାବତୀ ପ୍ରଧାନ, ଜୋନ ନଂ. ୨୬ର ପ୍ରାର୍ଥୀ ପ୍ରତାପ କୁମାର ମଲ୍ଲିକ । ଏହି ପ୍ରାର୍ଥୀମାନେ କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିର୍ବାଚନ ମଇଦାନକୁ ଓହ୍ଲାଇଛୁ । ବିଜୁ ଜନତା ଦଳର ବିଭିନ୍ନ ଜନହିତକର କାର୍ଯ୍ୟ ଆମ ନିର୍ବାଚନ ପ୍ରଚାରର ମୁଖ୍ୟ ଅସ୍ତ୍ର ହେବ । ନିକଟରେ ଇଣ୍ଡିଆ ଟୁଡେ ଇଂରାଜୀ ପତ୍ରିକା ଦ୍ୱାରା କରାଯାଇ ଥିବା ସର୍ଭେ ଦ୍ୱାରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ବିବେଚିତ ହୋଇଛନ୍ତି । ତେଣୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ଜନସେବା କରିବା ପାଇଁ ଆଗେଇ ଆସିଛୁ ବୋଲି ସେମାନେ କହିଛନ୍ତି । ସେହିପରି ଏହି ପ୍ରାର୍ଥୀମାନେ କହିଛନ୍ତି ମହାକାଳପଡ଼ା ଯୁବ ବିଦାୟକ ବିଧାୟକ ଅତନୁ ସବ୍ୟସାଚୀ ନାୟକ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ କ୍ଷେତ୍ରରେ ଯେଉଁ ଉନ୍ନୟନ ମୂଳକ କାର୍ଯ୍ୟ କରିଛନ୍ତି ତାହାକୁ ଅଧିକ କ୍ରିୟାଶୀଳ କରାଇବା ପାଇଁ ଆମେ ତାଙ୍କ କାନ୍ଧରେ କାନ୍ଧ ମିଶାଇବୁ । ପ୍ରଚାର ବେଳେ ଆମେ ଆମର ପ୍ରିୟ ନେତା ଅତନୁ ସବ୍ୟସାଚୀ ନାୟକଙ୍କ ଆଦର୍ଶକୁ ପାଥେୟ କରି ଲୋକଙ୍କୁ ଭୋଟ ଭିକ୍ଷା କରିବୁ ବୋଲି ସେମାନେ କହିଛନ୍ତି ।

# ରାଜ୍ୟର ସର୍ବପୁରାତନ ଦୂରଦର୍ଶନ କେନ୍ଦ୍ରରେ ଝୁଲିବ ତାଲା !

ସମ୍ବଲପୁର ,୨୩/୧ (ନି.ପ୍ର): ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର କାର୍ଯ୍ୟକ୍ରମ ବିଭାଗରେ ଥିବା ଜଣେ ମାତ୍ର କର୍ମଚାରୀ ତଥା କ୍ୟାମେରାମ୍ୟାନ୍ ସୁଧାଂଶୁ ପୃଷ୍ଟିଙ୍କୁ କିଛି ଦିନ ତଳେ ରିଲିଭ୍ କରାଯାଇଥିଲା । ଏହାପରେ କାର୍ଯ୍ୟକ୍ରମ ବିଭାଗ କର୍ମଚାରୀ ଶୂନ୍ୟ ହୋଇଥିଲାବେଳେ ବୈଷୟିକ ବିଭାଗର ଜଣେ କର୍ମଚାରୀ ତଥା କିଛି ଅଣକୁଶଳୀ ଠିକା କର୍ମଚାରୀ ଏବେ ରାଜ୍ୟର ଏହି ସର୍ବପୁରାତନ ଦୂରଦର୍ଶନ କେନ୍ଦ୍ରର ଷ୍ଟୁଡିଓ ପରିଚାଳନା କରୁଛନ୍ତି । ଆଗାମୀ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ଏବଂ ସାଧାରଣତନ୍ତ୍ର ଦିବସ ପାଇଁ ସେମାନଙ୍କ ତତ୍ତ୍ୱାବଧାନରେ ଷ୍ଟୁଡିଓରୁ ଲକ୍ଷଲକ୍ଷ ଟଙ୍କାର ମୂଲ୍ୟବାନ ଉପକରଣ ବାହାରକୁ ପଠା ଯାଉଥିବା କିଛି ସ୍ଥାନୀୟ ସଂସ୍କୃତିପ୍ରେମୀ ଅଭିଯୋଗ କରିଛନ୍ତି । ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର କାର୍ଯ୍ୟକ୍ରମ ବିଭାଗ ମୁଖ୍ୟ ଟେଲିଫୋନ୍‌ରେ ନିର୍ଦ୍ଦେଶ ଦେଇ ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର ପରିଚାଳନା କରୁଛନ୍ତି ଓ ଏଠାରେ ଥିବା ଭାରପ୍ରାପ୍ତ କେନ୍ଦ୍ର ନିର୍ଦ୍ଦେଶକ ଆଖିବୁଜି ତାଙ୍କ ନିର୍ଦ୍ଦେଶ ପାଳନ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ତେଣୁ ରାଜ୍ୟର ଏହି ସର୍ବପୁରାତନ ତଥା ଦେଶର ସପ୍ତମ ଦୂରଦର୍ଶନ କେନ୍ଦ୍ରକୁ ସ୍ଥାଣୁ ସ୍ଥିତିରୁ ଉଦ୍ଧାର କରିବାକୁ ସେମାନେ ଦାବି କରିଛନ୍ତି । ବଦଳି କରାଯାଉଥିବା କ୍ୟାମେରା ମ୍ୟାନ୍‌ଙ୍କ ସମେତ ଅଧିକ କର୍ମଚାରୀଙ୍କୁ ଏଠାରେ ନିଯୁକ୍ତି ଦେବା ତଥା ଏଠାରେ ଜଣେ କାର୍ଯ୍ୟକ୍ରମ ବିଭାଗ ମୁଖ୍ୟଙ୍କୁ ଅବସ୍ଥାପିତ କରିବାକୁ ସେମାନେ ଏକ ପ୍ରେସ୍ ବିବୃତ୍ତିରେ ଦାବି କରିଛନ୍ତି ।

# ରାଜନୀତିରେ ଯୋଗଦେଲେ ଜଳ ପୁରୁଷ ଦୈତାରୀଙ୍କ ପୁତ୍ରବଧୂ

କେନ୍ଦୁଝର,୨୩/୧ (ନି.ପ୍ର): କୁହାଯାଇଥାଏ ଯେ ରାଜନୀତିରେ ସବୁ କିଛି ସମ୍ଭବ । ରାଜନୀତିରେ କେତେବେଳେ କଣ ଯେ ହେବ ତାହା କୁ କଳନା କରିବା ପ୍ରାୟତଃ କାହା ପକ୍ଷରେ ସମ୍ଭବ ହୋଇ ନଥାଏ । ଇତି ମଧ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନକୁ ଲକ୍ଷ୍ୟ କରି ରାଜ୍ୟରେ ଦଳଡିଆଁ କାର୍ଯ୍ୟକ୍ରମ ଚାଲିଥିବା ବେଳେ ନୂତନ ଭାବେ ରାଜନୈତିକ ରେ ପାଦ ଦେବା କାର୍ଯ୍ୟକ୍ରମ ରାଜ୍ୟରେ ଯୋର ସୋରରେ ଆରମ୍ଭ ହୋଇ ଯାଇଛି । ଏହାକୁ ନେଇ ଜିଲ୍ଲା ମାନଙ୍କରେ ମଧ୍ୟ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ଏଭଳି ସ୍ଥିତିରେ ଜଳ ପୁରୁଷ ଭାବେ ପରିଚିତ କେନ୍ଦୁଝରର ପଦ୍ମଶ୍ରୀ ଦୈତାରୀ ନାଏକ ଙ୍କର ପୁତ୍ରବଧୂ ରଙ୍ଗବତୀ ନାଏକ କଂଗ୍ରେସ ଦଳରେ ଯୋଗଦାନ କରିବା ସହ କେନ୍ଦୁଝର ଜିଲ୍ଲା ପରିଷଦର ବାଂଶପାଳ ବ୍ଲକ ର ୨୫ ନମ୍ବର ଜୋନର ଦଳୀୟ ପ୍ରାର୍ଥୀ ଭାବେ ଶେଷ ଦିବସରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ରଙ୍ଗବତୀ ନାଏକ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିବା ସମୟରେ ଦୈତାରୀ ନାଏକ ମଧ୍ୟ ଉପସ୍ଥିତ ଥିଲେ । ଦେଶ ସ୍ୱାଧୀନତା ହାସଲ କରିବାରେ କଂଗ୍ରେସ ଦଳର ଉଲ୍ଲେଖନୀୟ ଅବଦାନ ରହିଛି । କଂଗ୍ରେସ ସବୁବେଳେ ଗରୀବଙ୍କ ସାଥି ହୋଇ ରହିଆସିଛି ।


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଏ ଦୁଃଖ ଆଉ କେତେଦିନ...

କରୋନା ମହାମାରୀ ବିଗତ ଦୁଇବର୍ଷ ଧରି କେବଳ ଭାରତ ବା ଅନ୍ୟ କୌଣସି ଗୋଟିଏ ଦୁଇଟି ଦେଶର ନୁହେଁ, ବିଶ୍ୱର ଦ୍ୱିଶତାଧିକ ଦେଶର ମାନବ ଜୀବନକୁ କଲବଲ କରି ଚାଲିଛି । ମହାମାରୀର ଆକ୍ରାନ୍ତ ହୋଇ କେତେକ ତ ପରପାରିକୁ ଚାଲି ଗଲେଣି । କିନ୍ତୁ ଯେଉଁମାନେ ବଞ୍ଚି ରହିଛନ୍ତି, ସେମାନେ ମଧ ପ୍ରତି ମୁହୂର୍ତ୍ତରେ ଏଠି ତା'ର ସଂକ୍ରମଣର ଆଶଙ୍କାରେ ଜୀବନ ଅତିବାହିତ କରୁଛନ୍ତି । ଏଭଳି ଏକ ଭୟାବହ ରୋଗ ବିରୁଦ୍ଧରେ ସଂଗ୍ରାମ କରିବା ନିମନ୍ତେ ବିଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର ଆବଶ୍ୟକ । ଏହିସବୁ ଅସ୍ତ୍ରଶସ୍ତ୍ର ଭିତରେ ଅନ୍ୟସବୁ ଜିନିଷଗୁଡ଼ିକ ମଧ୍ୟରେ ରହିଛି ଟିକା, ଉନ୍ନତ ସ୍ୱାସ୍ଥ୍ୟସେବା, ଅତ୍ୟାଧୁନିକ ପରୀକ୍ଷା ବ୍ୟବସ୍ଥା, ଜନ ସଚେତନତା ଇତ୍ୟାଦି । ଆଉ ବିନା ଅର୍ଥ ବା ପାଣ୍ଠିରେ ଏସବୁ ସମ୍ଭବପର ନୁହେଁ । ପରନ୍ତୁ, ପାଣ୍ଠି ଯୋଗାଣରେ ଯଦି କୃପଣପଣିଆ ପ୍ରଦର୍ଶନ କରାଯାଏ, ତା' ହେଲେ ଶହେ ତିରିଶ କୋଟିରୁ ଅଧିକ ଜନସଂଖ୍ୟାବିଶିଷ୍ଟ ଏକ ବିଶାଳ ଦେଶର ପରିସ୍ଥିତି ଯେ ଅତି କଦର୍ଯ୍ୟ ସ୍ଥିତିକୁ ଚାଲିଯିବ, ତାହା କହିବା ବାହୁଲ୍ୟ ମାତ୍ର । ମହାମାରୀର ପ୍ରସାରକୁ ରୋକିବା ନିମନ୍ତେ ଲକ୍‌ଡାଉନ୍, ସଟ୍‌ଡାଉନ୍ ପରେ ଯେତେବେଳେ ଦେଶର ଅର୍ଥନୀତି ଖରାପ ଅବସ୍ଥାକୁ ଚାଲିଗଲା, ଅର୍ଥନୀତିର ପୁନରୁଦ୍ଧାର ନିମନ୍ତେ ନରେନ୍ଦ୍ର ମୋଦୀଙ୍କ ସରକାର କେତେକ ପ୍ୟାକେଜ୍‌ର ଘୋଷଣା କଲେ । ଏହା ବାଦ୍ ଅନ୍ୟାନ୍ୟ ସମୟରେ ମଧ ବିଭିନ୍ନ କାର୍ଯ୍ୟ ନିମନ୍ତେ ଆର୍ଥିକ ବ୍ୟବସ୍ଥା ସମ୍ପର୍କରେ ସରକାର ଘୋଷଣା କରିଛନ୍ତି । ଉଦାହରଣ ସ୍ୱରୂପ, ୨୦୨୦ରେ କେନ୍ଦ୍ର ବିଜ୍ଞାନ ମନ୍ତ୍ରଣାଳୟ ଅଧୀନରେ ଥିବା ବାୟୋଟେକ୍ନୋଲୋଜି ବିଭାଗକୁ ଟିକା କ୍ୟାଣ୍ଡିଡେଟ୍ ପ୍ରସ୍ତୁତ କରିବା ନିମନ୍ତେ ୯୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ଉଲ୍ଲେଖ କରିଥିଲେ । ପିଏମ୍ କେୟାରସ୍ ପାଣ୍ଠିକୁ ଅନେକ ବଦାନ୍ୟ ବ୍ୟକ୍ତି ଓ ସଂସ୍ଥା ପ୍ରଭୂତ ପରିମାଣର ଅର୍ଥ ଦାନ କରିଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ମନେହୁଏ ଯେ ବିବେକପୂର୍ଣ୍ଣ ଢଙ୍ଗରେ ଏହି ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯାଇ ନାହିଁ । ଜଣେ ସୂଚନା ଅଧିକାରୀ (ଆରଟିଆଇ) କର୍ମୀଙ୍କ ପ୍ରଶ୍ନର ଉତ୍ତରରେ ଜାଣିବାକୁ ମିଳିଛି ଯେ ଏହି ପାଣ୍ଠିକୁ ଯେତିକି ଅର୍ଥ ମିଳିଛି, ତହିଁରୁ ଡିବିଟି ମାତ୍ର ୧୩ ପ୍ରତିଶତରୁ କମ୍ ଅର୍ଥ ପ୍ରଦାନ କରିଛି; ଏହାଠୁ ବଳି ଅଧିକ ଦୁଃଖଦ କଥା ହେଉଛି, ପିଏମ୍ କେୟାରସ୍ ପାଣ୍ଠିରୁ ମଞ୍ଜୁର କରାଯାଇଥିବା ୧୦୦ କୋଟି ଟଙ୍କା ଏବେ ସୁଦ୍ଧା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ ଏବଂ ଡିବିଟିଙ୍କ ନିକଟରେ ପହଞ୍ଚାଇବାକୁ ବାକି ରହିଛି । ଏହା ତ ଗଲା କେନ୍ଦ୍ର ସରକାରଙ୍କ କଥା । ରାଜ୍ୟମାନେ ମଧ ଆର୍ଥିକ ଅନୁଦାନ ବ୍ୟାପାରରେ ଅନେକ କ୍ଷେତ୍ରରେ ପଛରେ ରହିଛନ୍ତି, ତେବେ ତାହା ଏକ ଭିନ୍ନ ପରିପ୍ରେକ୍ଷୀରେ । ଯେଉଁ ରାଜ୍ୟମାନେ ମହାମାରୀରେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟମାନଙ୍କୁ ହରାଇ ଥିବା ପରିବାରଗୁଡ଼ିକ ଅନୁକମ୍ପାମୂଳକ ସହାୟତା ନିମନ୍ତେ କରିଥିବା ଆବେଦନକୁ ଖାରଜ କରି ଦେଇଛନ୍ତି, ସେମାନଙ୍କୁ ନିକଟରେ ସୁପ୍ରିମ୍‌କୋର୍ଟ ଭର୍ତ୍ସନା କରିଛନ୍ତି । ସାରା ଦେଶରେ ସମ୍ପ୍ରତି ମହାମାରୀରେ ଉଭୟ ପିତାମାତାଙ୍କୁ ହରାଇ ଅନାଥ ହୋଇ ଯାଇଥିବା ପିଲାମାନଙ୍କ ସଂଖ୍ୟା ପାଖାପାଖି ୧୦ ହଜାର ବୋଲି ଆକଳନ କରାଯାଇଛି । ଏବେ ସର୍ବୋଚ୍ଚ ଅଦାଲତ ଏହି ପିଲାମାନଙ୍କୁ ସିଧାସଳଖ ଅନୁକମ୍ପା ରାଶି ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସଙ୍ଗେ ସଙ୍ଗେ ଏହା ମଧ ଚେତାବନୀ ଦେଇଛନ୍ତି ଯେ ଏଭଳି ରାଶି ନିମନ୍ତେ କରାଯାଇଥିବା ଆବେଦନଗୁଡ଼ିକୁ ବୈଷୟିକ ତ୍ରୁଟି ଦର୍ଶାଯାଇ ଖାରଜ କରାଯାଇ ପାରିବ ନାହିଁ । ସବୁଠୁ ଉଲ୍ଲେଖନୀୟ କଥା ଭାବରେ କୋର୍ଟ ଆବେଦନକାରୀମାନଙ୍କୁ ସେମାନଙ୍କ ଆବେଦନପତ୍ର ଖାରଜ କରାଯିବାର କାରଣ ଦର୍ଶାଇବାକୁ ବାଧ୍ୟତାମୂଳକ କରିଛନ୍ତି, ଯଦ୍ୱାରା ଆବେଦନକାରୀମାନେ ହୁଏତ ସେମାନଙ୍କର ତ୍ରୁଟିକୁ ସୁଧାର ପୁନଃ ଆବେଦନ କରିବେ, ନଚେତ୍ ଏଭଳି ଅଭିଯୋଗଗୁଡ଼ିକର ସମାଧାନ ନିମନ୍ତେ ରହିଥିବା କମିଟି ନିକଟରେ ସେମାନଙ୍କର ଆପତ୍ତିକୁ ଉପସ୍ଥାପନ କରି ପାରିବେ । ଏତଦ୍‌ବ୍ୟତୀତ ଅନୁଦାନ ପାଇବାଯୋଗ୍ୟ ପରିବାରଗୁଡ଼ିକ ଯେପରି ତହିଁରୁ ବଞ୍ଚିତ ନହେବେ, ସେଥିପାଇଁ କୋର୍ଟ ପ୍ରତ୍ୟେକ ରାଜ୍ୟ ଓ ଜିଲ୍ଲାର ଆଇନ ସେବା କର୍ତ୍ତୃପକ୍ଷଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି କି ନାହିଁ, ସେ ସମ୍ପର୍କରେ ସୁନିଶ୍ଚିତ ହେବାକୁ କହିଛନ୍ତି ଏବଂ ଯଦି ପ୍ରଦାନ କରାଯାଇ ନଥାଏ, ତା' ହେଲେ ଏହି ରାଶି ପ୍ରଦାନ କରାଯିବାର କାର୍ଯ୍ୟକୁ ସୁଗମ କରାଇବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମହାମାରୀ କେତେକ ପିଲାଙ୍କଠାରୁ ସେମାନଙ୍କ ଜୀବନର ସର୍ବଶ୍ରେଷ୍ଠ ସମ୍ବଳ ଛଡ଼ାଇ ନେଇଥିବା ବେଳେ ଉପରୋକ୍ତ ଘଟଣା ପରିପ୍ରେକ୍ଷୀରେ ଏଭଳି ବେଖିଆଲି ମନୋଭାବ ସମ୍ପର୍କରେ ଛାନ୍‌ଭିନ୍ କରାଯିବା ପରେ ଯାହା ଜଣାପଡ଼ିଛି, ତାହା ହେଉଛି-ଏକ ଜନସ୍ୱାସ୍ଥ୍ୟ ସଂକଟ କାଳରେ ମଧ ରାଜନୀତିକ ବିଚାରଧାରା କାମ କରୁଛି । ରିଲିଫ୍ ପ୍ରଦାନ କରାଯିବା ନାମରେ ଉଲ୍ଲେଖନୀୟ ପରିମାଣର ଅର୍ଥରାଶି ସଂଗୃହୀତ ହୋଇଛି, ଯାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ପିଏମ୍ କେୟାର ପାଣ୍ଠି । ଜନସାଧାରଣଙ୍କୁ ମହାମାରୀର ମହାଆତଙ୍କ କବଳରୁ ରକ୍ଷା କରିବା ନିମନ୍ତେ ଯଥା ଟିକା ଉଦ୍ଭାବନ କରିବା ଭଳି ପଦକ୍ଷେପଗୁଡ଼ିକ ନିମନ୍ତେତ ପ୍ରଭୃତ ପରିମାଣର ଅର୍ଥ ଖର୍ଚ୍ଚ କରାଯାଉଥିବା ସମ୍ପର୍କରେ ମଧ ଆଶ୍ୱାସନା ପ୍ରଦାନ କରାଯାଉଛି । ତଥାପି କଥା ଓ କାମ ଭିତରେ ରହୁଥିବା ତଫାତ୍ ଅତି ସ୍ପଷ୍ଟ ଭାବରେ ଦେଖା ଯାଉଛି । ଏଭଳି ଘଟିବା ପଛରେ ଆନୁଷ୍ଠାନିକ ଉତ୍ତରଦାୟିତ୍ୱ ସଂସ୍କୃତିର ଅନୁପସ୍ଥିତିକୁ ଦାୟୀ କରାଯାଇପାରେ । ପୁନଶ୍ଚ ନିର୍ବାଚନରେ ସ୍ପଷ୍ଟ ବହୁମତ ପ୍ରାପ୍ତି ପରେ ସରକାର ଗଠନ କରିବା ମଧ ସ୍ୱଚ୍ଛତା ପଥରେ ଅନ୍ତରାୟ ସାଜୁଥିବା ଯୁକ୍ତି ଦର୍ଶାଯାଇ ପାରେ ।

## ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁ




ବିଶ୍ୱବିଜୟୀ ଦାଶ




ପ୍ରସିଦ୍ଧ ପାଇକ ବିଦ୍ରୋହ, ଯାହାକି ଓଡିଆ ଜାତିର ପ୍ରାତଃ ସ୍ମରଣୀୟ ଓ ଅବିସ୍ମରଣୀୟ । ଓଡିଶା ମାଟି ମା ର ସମ୍ମାନ ଓ ମର୍ଯ୍ୟାଦା ରକ୍ଷା କରିବା ସଙ୍ଗେ ସଙ୍ଗେ ଦୁର୍ଦ୍ଧର୍ଷ ଇଂରେଜମାନଙ୍କୁ ଧ୍ୱସ୍ତ ବିଧ୍ୱସ୍ତ ଅମାନୁଷିକ ଅକଥନୀୟ ଅତ୍ୟାଚାର ଅନାଚାରରୁ ମୁକ୍ତ କରିବା ସେମାନଙ୍କର ମୁଖ୍ୟ ଲକ୍ଷ ଥିଲା । ବ୍ରିଟିଶ ସେନାଙ୍କ ତୁଳନାରେ ଏମାନେ ଅଧିକ ସାହସୀ ଓ ନିର୍ଭୀକ ଥିଲେ । ନିଜର ପ୍ରୟୋଗାତ୍ମକ ସମର କଳା କୌଶଳ ତଥା ଜ୍ଞାନ ବୁଦ୍ଧି ବଳରେ ବିଦ୍ରୋହକୁ ତୀବ୍ର, ଶାଣିତ ଓ କୋଠର କରି ପାରିଥିଲା ।ଇତିହାସର ସ୍ମୃତିକୁ ଜାବୁଡ଼ି ଧରିଥିବା ବୀର ଲାଲ ମାଟି ଖୋର୍ଦ୍ଧା, ଯାହାର ମାଟିକୁ ଚିପୁଡିଲେ ରକ୍ତ ବାହାରେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ୧୮୧୭ରେ ଏହି ମାଟିରୁ ସଙ୍ଗଠିତ ହୋଇଥିଲା ।ପାଇକବିଦ୍ରୋହର ମୁଖ୍ୟ କର୍ଣ୍ଣଧାର ଥିଲେ ବିପ୍ଳବୀ ବକ୍ସି ଜଗବନ୍ଧୁ(ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ର) । ୧୭୭୩ ମସିହାର ଦ୍ୱିତୀୟାର୍ଦ୍ଧରେ ପୁରୀ ଜିଲ୍ଲା ବ୍ରହ୍ମଗିରି ଅନ୍ତର୍ଗତ ରୋଡ଼ଙ୍ଗଠାରେ ଜଗବନ୍ଧୁ ବିଦ୍ୟାଧର ଜନ୍ମଲାଭ କରିଥିଲେ ।

ଜଗବନ୍ଧୁ ବିଦ୍ୟାଧରଙ୍କ ଉପରେ ଓଡ଼ିଆ ପରମ୍ପରା, ଚାଲିଚଳଣି, ଖେଳକୁଦର ପ୍ରଭାବ ଗଭୀର ଭାବେ ପଡ଼ିଥିଲା । ଉଚ୍ଚ ସମ୍ଭ୍ରାନ୍ତ ଶ୍ରେଣୀରେ ଜାତ ହୋଇ ମଧ ତାଙ୍କର ପାଖରେ ଥିଲା ଅସାଧାରଣ ଦେଶ ପ୍ରେମ । ଜଗବନ୍ଧୁ ବିଦ୍ୟାଧର ତାଙ୍କର ପୂର୍ବପୁରୁଷଙ୍କ ଠାରୁ ବଂଶାନୁକ୍ରମେ 'ବକ୍ସି' ଉପାଧି ଲାଭ କରି ଖୋର୍ଦ୍ଧା ରାଜାଙ୍କର ସେନାପତି ଭାବେ ଦାୟିତ୍ୱ ବହନ କଲେ, ରାଜାଙ୍କ ପରେ ସେ ଥିଲେ ଦ୍ୱିତୀୟ ଗଣ୍ୟମାନ୍ୟ ବ୍ୟକ୍ତି ।

ଇଂରେଜମାନେ ୧୮୦୪ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧାର ରାଜା ମୁକୁନ୍ଦ ଦେବଙ୍କୁ ଗାଦିଚ୍ୟୁତ କରି ତାଙ୍କର ରାଜ୍ୟକୁ 'ଖାସ୍' କଲେ ଅର୍ଥାତ୍ ପ୍ରତ୍ୟକ୍ଷ ଇଂରେଜ ଶାସନାଧୀନ ଅଞ୍ଚଳ ସହିତ ତାକୁ ମିଶାଇ ଦିଆଗଲା । ପାଇକଙ୍କ ନିଷ୍କର ଜମି ଉପରେ ଉଚ୍ଚ ହାରରେ କର ଧାର୍ଯ୍ୟ ହେଲା । ଫଳରେ ପାଇକମାନେ ତାଙ୍କର ବଂଶାନୁକ୍ରମିକ ନିଷ୍କର ବୃତ୍ତିରୁ ବଞ୍ଚିତ ହେଲେ । ଖୋର୍ଦ୍ଧା ଖାସ୍ ହେବା ପରେ ସେହି ଜମିଦାରୀର ରାଜସ୍ୱ ଅନେକ ପରିମାଣରେ ବୃଦ୍ଧି କରାଯାଇ ଜଣେ ବିଦେଶୀ ଜମିଦାରଙ୍କୁ ପଟ୍ଟା ଦିଆଗଲା । ଅନେକ ସର୍ବସ୍ୱାନ୍ତ ହୋଇ ନିଜର ଘରଦ୍ୱାର ଛାଡ଼ି ନିକଟବର୍ତ୍ତୀ କରଦ ରାଜ୍ୟମାନଙ୍କରେ ଆଶ୍ରୟ ନେଲେ । ଯେଉଁମାନେ ରହିଲେ ସେମାନଙ୍କ ଆର୍ଥିକ ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଲା ।

୧୮୧୭ ମସିହାରେ ଇଂରେଜମାନେ ଘୁମୁସର ରାଜା ଧନଞ୍ଜୟ ଭଞ୍ଜଙ୍କୁ ଗୋଟିଏ ହତ୍ୟା ମାମଲା ସମ୍ପର୍କରେ ଗିରଫ କଲେ । ସେହି ଘଟଣାର ପ୍ରତିବାଦରେ ଘୁମୁସରର ୩୦୦/୪୦୦ କନ୍ଧ ବାଣପୁରରେ ପଶି ସରକାରୀ ଖଜଣାଖାନା ଲୁଟ୍ କଲେ ଓ ସରକାରୀ ଦପ୍ତର ସବୁ ଆକ୍ରମଣ କଲେ । କୁହୁଳୁଥିବା ବିଦ୍ରୋହାଗ୍ନି ଜଳି ଉଠିଲା । ଖୋର୍ଦ୍ଧାର ପାଇକମାନେ ଏହି ସୁଯୋଗ ନେଇ ବକ୍ସି ଜଗବନ୍ଧୁଙ୍କର ନେତୃତ୍ୱରେ ଇଂରେଜମାନଙ୍କର ଅନ୍ୟାୟ ନୀତି ଓ ନିର୍ଯାତନା ବିରୁଦ୍ଧରେ ବିଦ୍ରୋହ କଲେ । ଜଗବନ୍ଧୁଙ୍କର ପରମ ଶତ୍ରୁ ଚରଣ ପଟ୍ଟନାୟକ ତାଙ୍କର କ୍ରୋଧାଗ୍ନିର ପ୍ରଥମ ଶିକାର ହେଲେ ।

ପାଇକ ବିଦ୍ରୋହ ହେବାରୁ ଇଂରେଜ କର୍ତ୍ତୃପକ୍ଷ ବିବ୍ରତ ହୋଇ ପଡ଼ିଲେ । ପାଇକମାନେ ବାଣପୁର ଓ ଖୋର୍ଦ୍ଧାରେ ଥିବା ସବୁ ସରକାରୀ ଅଫିସ୍ ଭାଙ୍ଗି ଦେଲେ, ଖଜଣାଖାନା ଲୁଟ୍ କଲେ । ପାଇକମାନଙ୍କ ସାଙ୍ଗରେ ଇଂରେଜ ସୈନ୍ୟଙ୍କର ଗଙ୍ଗପଡ଼ା, ବାଲକାଟି, ପିପିଲି ଇତ୍ୟାଦି ସ୍ଥାନମାନଙ୍କରେ ସଂଘର୍ଷ ହୋଇଥିଲା । ତଦ୍ୱାରା ପାଇକମାନଙ୍କର ଗତିରୋଧ ହୋଇ ପାରିଲା ନାହିଁ । ପାଇକମାନେ ପୁରୀ ଆଡ଼କୁ ଅଗ୍ରସର ହେଲେ । ପୁରୀରେ ପାଇକମାନେ ଇଂରେଜ ସୈନ୍ୟଙ୍କ ପ୍ରତିରୋଧ କରି ପାରିଲେ ନାହିଁ । ଇଂରେଜମାନେ ରାଜା ମୁକୁନ୍ଦ ଦେବଙ୍କୁ ବନ୍ଦୀ କରି କଟକ ଆଣିଲେ । ୧୮୧୭ ମସିହା ଏପ୍ରିଲ ମାସ ୧୨ ତାରିଖରେ ସାମରିକ ଆଇନ ପ୍ରବର୍ତ୍ତନ କରାଗଲା । କ୍ରମେ ସେ ଆଇନ ପୁରୀ ଓ ପିପିଲିରେ ପ୍ରବର୍ତ୍ତନ କରାଗଲା । ମେଜର୍ ସାର୍ ଜି. ମାର୍ଟିନଡେଲ୍‌ଙ୍କୁ ସାମରିକ କମିଶନର ରୂପେ ନିଯୁକ୍ତି କରାଗଲା । ସେହିବର୍ଷ ଅକ୍ଟୋବର ମାସ ଶେଷ ବେଳକୁ ଇଂରେଜମାନେ ବିଦ୍ରୋହକୁ ସମ୍ପୂର୍ଣ୍ଣ ଭାବରେ ଦମନ କରି ଦେଇଥିଲେ । କିନ୍ତୁ ଇଂରେଜ କର୍ତ୍ତୃପକ୍ଷ ଶାନ୍ତିରେ ନିଃଶ୍ୱାସ ମାରି ପାରିଲେ ନାହିଁ । କାରଣ ଜଗବନ୍ଧୁ ବିଦ୍ୟାଧର, କୃଷ୍ଣଚନ୍ଦ୍ର ଭ୍ରମରବର ଓ ସେମାନଙ୍କ ଅନୁଚରମାନେ ଜଙ୍ଗଲରେ ଆତ୍ମଗୋପନ କରି ରହିଲେ । ପୁଣି କେତେବେଳେ ବିଦ୍ରୋହର ନିଆଁ ଜଳି ଉଠିବ ଏହି ଭୟରେ କର୍ତ୍ତୃପକ୍ଷ ସବୁବେଳେ ସତର୍କ ହୋଇ ରହିଥିଲେ ।

ଇଂରେଜ ମାନେ ଏକ ବର୍ଷ ମଧ୍ୟରେ ପାଇକ ବିଦ୍ରୋହକୁ ଦମନ କରିବାରେ ସଫଳ ହୋଇଥିଲେ ବି ବକ୍ସିଙ୍କୁ ଧରି ପାରିନଥିଲେ ।

ପ୍ରଥମେ ଆତ୍ମଗୋପନ କରିଥିବା ବିଦ୍ରୋହୀଙ୍କ ପରିବାରକୁ ବନ୍ଦୀ କରିଥିଲେ ମଧ ଇଂରେଜ ସରକାର ବିଦ୍ରୋହୀଙ୍କୁ ପାଇ ପାରିନଥିଲେ ।

ଅନ୍ୟ ଏକ ଚକ୍ରାନ୍ତ କରି କ୍ଷମା ଦେବାର ସର୍ତ୍ତ ରଚିଥିଲେ ସୁଦ୍ଧା ବୀରତ୍ୱ ଓ ସାହସିକତା ପାଇଁ ଜଗବନ୍ଧୁ ଓ ତାଙ୍କ ଅନୁଗାମୀ ଧରା ଦେଇନଥିଲେ । ବ୍ରିଟିଶ ସରକାର ବିଭିନ୍ନ ରାଜ୍ୟର ରାଜାଙ୍କୁ ମଧ ସହଯୋଗ ନକରିବାକୁ ତାଗିଦ୍ କରିଥିଲେ । ଏଭଳି ପରିସ୍ଥିତିରେ ନିରୁପାୟ ହୋଇ ନୟାଗଡ ରାଜା ଓ ତାଙ୍କ ଅନୁଚର ବକ୍ସି ଜଗବନ୍ଧୁଙ୍କୁ ଆତ୍ମସମର୍ପଣ କରିବାକୁ ପ୍ରବର୍ତ୍ତାଇଥିଲେ । ଆତ୍ମଗୋପନ ସମୟରେ ଅନ୍ୟ ବିଦ୍ରୋହୀଙ୍କ ଉପରେ ଅକଥନୀୟ ଅତ୍ୟାଚାର ହେଉଥିବା ଦେଖି ୧୮୨୫ ମେ ୨୭ ତାରିଖରେ ବକ୍ସି ନିଜ ଅନୁଗାମୀଙ୍କ ସହ ଆତ୍ମସମର୍ପଣ କରିଥିଲେ ।

ଇଂରେଜ ସରକାର ବକ୍ସିଙ୍କୁ ପାଇ ପୂର୍ବରୁ କରିଥିବା ସମସ୍ତ ସର୍ତ୍ତ ଓ ଘୋଷଣାକୁ ପଛରେ ପକାଇ ତୁରନ୍ତ କଟକରେ ଗୃହବନ୍ଦୀ କରାଇଲେ, ସେହି ଅଂଚଳ ଏବେ ବକ୍ସି ବଜାର ଭାବେ ପରିଚିତ ।

ଏଠାରେ ପ୍ରାୟ ତିନି ବର୍ଷ ଆଠ ମାସ ବନ୍ଦୀ ରହିବା ପରେ ୧୮୨୯ ମସିହା ଜାନୁଆରୀ ୨୪ ତାରିଖରେ ତାଙ୍କର ବିୟୋଗ ହୋଇଥିଲା ।

ଜାତୀୟ ଇତିହାସର ମୁଖ୍ୟ ଧାରାରେ ପାଇକ ବିଦ୍ରୋହକୁ ସ୍ଥାନିତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରୟାସ କରିଥିଲେ । ପ୍ରଧାନମନ୍ତ୍ରୀ ଓ ତତ୍କାଳୀନ ଅର୍ଥମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ପାଇକ ବିଦ୍ରୋହର ଦ୍ୱିଶତ ବର୍ଷ ପୂର୍ତ୍ତି ରାଷ୍ଟ୍ରୀୟ ସ୍ତରରେ ପାଳନ ପାଇଁ କେନ୍ଦ୍ର ସରକାର ଅନୁମୋଦିତ କରିଥିଲେ । ୨୦୧୭ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ଶ୍ରୀ ପ୍ରଣବ ମୁଖାର୍ଜି ନୂଆଦିଲ୍ଲୀର ବିଜ୍ଞାନ ଭବନରେ ପାଇକ ବିଦ୍ରୋହର ରାଷ୍ଟ୍ରୀୟ ଉତ୍ସବକୁ ଉଦଘାଟନ କରି ପାଇକ ବିଦ୍ରୋହକୁ ଭାରତ ସ୍ୱାଧିନତା ସଂଗ୍ରାମର ଆଦ୍ୟ ଉଦଘୋଷଣର ଉଜ୍ଜ୍ୱଳ ଘଟଣା ବୋଲି ଅଭିହିତ କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ପାଇକ ବୀରଗଣଙ୍କ ବଂଶଧରମାନଙ୍କୁ ସମ୍ବର୍ଦ୍ଧିତ କରି ଓଡ଼ିଆ ଜାତିର ବୀରତ୍ୱକୁ ସମ୍ମାନିତ କରିଥିଲେ ।

୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ଖୋର୍ଦ୍ଧା ସ୍ଥିତ ବରୁଣେଇରେ ପାଇକ ବିଦ୍ରୋହର କର୍ଣ୍ଣଧାର ମାନଙ୍କ ଦ୍ୱାରା ପାଇକ ବିଦ୍ରୋହ ସ୍ମାରକୀ ମୁଦ୍ରା, ଡ଼ାକ ଟିକଟ ଉନ୍ମୋଚନ କରିଥିଲେ ।ଉତ୍କଳ ବିଶ୍ୱବିଦ୍ୟାଳୟରେ ୫ କୋଟି ଟଙ୍କା ବ୍ୟୟରେ ବକ୍ସି ଜଗବନ୍ଧୁ ଚେୟାରକୁ ଅୟଆରମ୍ଭ କରି ପାଇକ ବିଦ୍ରୋହକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରିଥିଲେ । ୨୦୧୯ ମସିହାରେ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ବରୁଣେଇ ପାହାଡ଼ ପାଦଦେଶରେ ପାଇକ ବିଦ୍ରୋହ ସ୍ମାରକର ଶିଳାନ୍ୟାସ କରିଥିଲେ ।

ଓଡ଼ିଶାର ବୀର ପୁତ୍ର, ପାଇକ ବିଦ୍ରୋହର ମହାନାୟକ, ଓଡ଼ିଶା ଇତିହାସର ଉଜ୍ଜ୍ୱଳତମ ତାରକା, ଓଡ଼ିଶା ମାଟିର ମହକ, ଖୋର୍ଦ୍ଧା ରାଜାଙ୍କ ସେନାପତି, ଭାରତୀୟ ଆଦ୍ୟ କାଳର ପ୍ରଚଣ୍ଡ ଯୋଦ୍ଧା ଥିଲେ ବକ୍ସି ଜଗବନ୍ଧୁ । ତାଙ୍କ ବୀରତ୍ୱ ଗାଥା ଆଜିର ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ । ଆଜି ତାଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ତାଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ ।


♥ ବି.ଏସସି, ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ପିନ୍ - ୭୫୨୦୩୫
ମୋ ୬୩୭୦୨୦୮୪୨୮


## ଆମ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କୁ ଅଭିନନ୍ଦନ




ସୁବ୍ରତ କର


ଏଥର ମଧ ଆମ ମୁଖ୍ୟମନ୍ତ୍ରୀ ସାରା ଦେଶରେ ଏକ ନମ୍ବର । ଏହା କହିଛନ୍ତି ଇଣ୍ଡିଆ ଟୁଡେ ପତ୍ରିକା । ଗତଥର ମଧ ଏକ ନମ୍ବର ହୋଇଥିଲେ । ନିଶ୍ଚିତ ଭାବରେ ଆମର ମୁଖ୍ୟମନ୍ତ୍ରୀ ଉଚ୍ଚ ଶିକ୍ଷିତ, ଭଦ୍ର, କାମିକା ଲୋକ ଏବଂ ସବୁଠୁ ବଡ଼ କଥା ହେଲା ସେ ବିଜୁ ବାବୁଙ୍କ ସାନ ପୁଅ । ବିଜୁ ବାବୁ ଥିଲେ ଅଦ୍ୱିତୀୟ ନେତା ଏବଂ ମୁଖ୍ୟମନ୍ତ୍ରୀ । ଗୋଟାଏ ସମୟ ଆସିଥିଲା ସେ ସେ ପ୍ରଧାନମନ୍ତ୍ରୀ ମଧ ହୋଇ ପାରି ଥାଆନ୍ତେ କିନ୍ତୁ ସେ ଦେବଗୌଡ଼ାଙ୍କୁ ବାଛିଥିଲେ । ମୁଖ୍ୟମନ୍ତ୍ରୀ ଗତ ୨୨ ବର୍ଷରୁ ଊର୍ଦ୍ଧ୍ୱ ରାଜ୍ୟ ଚଳାଇ ଆସୁଛନ୍ତି । ଗୋଟାଏ ସମୟ ଆସିଥିଲା ଆମ ରାଜ୍ୟରେ ସରକାରୀ କର୍ମଚାରୀଙ୍କୁ ଦରମା ଦେବାପାଇଁ ରାଜକୋଷର ପାଣ୍ଠିର ଅଭାବ ଥିଲା ଏବଂ ସେହି ସମୟରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଦାୟିତ୍ୱ ହାତକୁ ନେଇଥିଲେ ଏବଂ ତା' ପରବର୍ତ୍ତୀ ଅବସ୍ଥାରେ ଟଙ୍କାର ଅଭାବ ହୋଇନାହିଁ । ଏପର୍ଯ୍ୟନ୍ତ ସରକାରଙ୍କୁ ଠିକ୍‌ସେ ଚଳାଇ ଆସୁଛନ୍ତି ତା'ର ମୂଳ କାରଣ ହେଲା ସେ ନିଜକୁ ଭ୍ରଷ୍ଟାଚାର ସହିତ ଜଡ଼ିତ କରି ନାହାନ୍ତି । ଏହା ଠିକ୍ ସେ ଭ୍ରଷ୍ଟାଚାରଠୁ ଦୂରରେ, କିନ୍ତୁ ତାଙ୍କର ମନ୍ତ୍ରୀମାନେ ବା ନେତାମାନେ ଠିକ୍ ଓଲଟା । ଏହି ନେତାମାନେ ତାଙ୍କର ଛବିକୁ ଖରାପ କରୁଛନ୍ତି ଏବଂ ସେହିଟା ଯଦି ସେ ଟିକିଏ ଜଗିବେ ତେବେ ପରବର୍ତ୍ତୀ ୫ବର୍ଷ ମଧ ମୁଖ୍ୟମନ୍ତ୍ରୀ ହୋଇ ରହି ପାରିବେ । ଏବେ ଆସିବା 'ଇଣ୍ଡିଆ ଟୁଡେ'ର ବାଛିବା ପ୍ରଣାଳୀ । ନବୀନ ବାବୁଙ୍କ ପରେ, ମମତା ବାନାର୍ଜୀ, ପରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ, ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଏମାନେ ସମସ୍ତେ ହେଲେ ବିରୋଧି ଦଳର ନେତା ବା ରାଜା ରାଜ୍ୟର । ଇଣ୍ଡିଆ ଟୁଡେ ହିସାବରେ କେହି ଶାସକ ଦଳର ରାଜ୍ୟ ବା ମୁଖ୍ୟମନ୍ତ୍ରୀ ୫ଜଣଙ୍କ ମଧ୍ୟରେ ଆସି ପାରିଲେ ନାହିଁ ନା ହିସାବ କିତାବ ଠିକ୍ ହୋଇ ନାହିଁ? ନିଶ୍ଚିତ ଭାବରେ ଆମ ରାଜ୍ୟ କୋଭିଡ ପରିଚାଳନା, ମହାମାରୀ ମୁକାବିଲାରେ ଏକ ନମ୍ବର ହୋଇଛନ୍ତି ଏବଂ ଜନକଲ୍ୟାଣ ଏବଂ ଲୋକାଭିମୁଖୀ ଯୋଜନାରେ ମଧ ଆଗରେ ଅଛନ୍ତି କିନ୍ତୁ ଭ୍ରଷ୍ଟାଚାର, ନାରୀଜନିତ ଘଟଣା, ଆଇନ ଶୃଙ୍ଖଳା, ସ୍ୱାସ୍ଥ୍ୟ ଏବଂ ଶିକ୍ଷାର ଅନ୍ୟ ରାଜ୍ୟମାନଙ୍କଠୁ ପଛରେ ଅଛି । ଏମିତି କି ବେକାରୀ ସମସ୍ୟା, ଏବଂ ଭୋକିଲା ରହୁଥିବାର ସଂଖ୍ୟା ମଧ କିଛି କମ୍ ନୁହଁ । ଉପରୋକ୍ତ ସମସ୍ୟାଗୁଡ଼ିକ ସମାଧାନର ଠିକ୍ ପନ୍ଥା ବାହାର କରି ପାରିଲେ ନବୀନ ବାବୁ ଶାସନରେ ଥିବା ପର୍ଯ୍ୟନ୍ତ ତାଙ୍କୁ ଏକନମ୍ବରରୁ ହଟାଇ ପାରିବେ ନାହିଁ । ଆମର ଅନୁରୋଧ ନବୀନ ବାବୁ ନିଜର ଜାଗାକୁ ଆହୁରି ସୁଦୃଢ଼ କରିବା ପାଇଁ ଭ୍ରଷ୍ଟାଚାର ଉପରେ କଡ଼ା ନଜର ଦିଅନ୍ତୁ ଏବଂ ରାଜ୍ୟର ଝିଅ, ବୋହୂମାନଙ୍କର ନିରାପତ୍ତା ପ୍ରତି ଦୃଷ୍ଟି ଦିଅନ୍ତୁ ।



## କଥା ଦିଅ ଛୁଇଁ ମଥା


ନିରାକାର ଚଇନି




ସାଗର ବେଳାରେ ଏକା ଏକା ଦିନେ
ତୋଳୁଥିଲି ବାଲିଘର
କାହୁଁ ଆସି ଏକ ରୂପସୀ ଛଇଳା
ଠିଆ ହେଲା ପାଶେ ମୋର,
ପଚାରିଲା ହସି ହସି
କେମିତି ତୋଳୁଛ ବାଲିଘର ତୁମେ
ସାଥି ବିନା ଏକା ବସି ?
ମଥା ଟେକି ତାକୁ ଚାହିଁଲି ଘଡ଼ିଏ
ପୁଲକିତ ହେଲା ମନ
ଲାଗିଲା ସତେକି ସରଗୁ ଓହ୍ଲେଇ
ଆସିଛି ପୁନେଇଁ ଜହ୍ନ,
ହୋଇଗଲି ଆନମନା
ଅଜାଣତେ ତାକୁ ଛୁଇଁଦେଲି ଯେବେ
ଝାଉଁଳିଗଲା ଲଳନା ।
ଆପେ ଆପେ ଆସି ମୋ'ପାଖରେ ବସି
କହିଲା ତା'ମନ କଥା
ଛୁଇଁଦେଲ ଯଦି ଦେହଟିକୁ ମୋର
କଥା ଦିଅ ଛୁଇଁ ମଥା,
କରିବନି ମୋତେ ପର
ଆଜିଠାରୁ ଦୁହେଁ ସାତ ଜନମକୁ
ବାନ୍ଧିଦେଲେ ପ୍ରେମ ଡୋର ।


♥ କଳିଗାଁ, ହାଟଡିହୀ,
କେନ୍ଦୁଝର-୮୩
ମୋ-୮୨୪୯୩୮୭୯୭୩


## ତୁମେ, ମୁଁ ଆଉ ଦୁନିଆ


ଉମ୍ବରୁଧର ବେହେରା




ଯେବେ ବି ଖୋଲେ ତୁମ ପୁରୁଣା ଚିଠି
ମନେ ପଡେ ତୁମ ଛବି
ତୁମ ନାଲି ନାଲି ଓଠର ସ୍ୱର୍ଶ
ଦେଇଥିବା ଆଦେଶ ଓ ପରାମର୍ଶ
ଶବ୍ଦର ଅନ୍ତର୍ଧ୍ୱନି
କାନ ପାଖେ ଗୁଞ୍ଜରିତ ହୁଏ
କଳା ଭଅଁରର ଶବ୍ଦ ପରି
ପୁଣି ଶବ୍ଦ ଗୁଡ଼ିକ ଚାଲିଯାଏ
ସେହି ପାଗଳ ଭଅଁର ପଛେ ପଛେ
ହଠାତ ଚେଇଁ ଉଠିଥିବା
ଭାବନା ସବୁ ଆସ୍ତେ ଆସ୍ତେ
ଲିଭିଯାଏ...........
ଜଳୁଥିବା ସଂଜବତୀ ପରି
ନୀରବରେ ଶବ୍ଦ ସବୁ
ବାଷ୍ପୀଭୂତ ହୋଇ
ମନର ଆକାଶରେ
ମେଘ ଖଣ୍ଡ ହୋଇ ଭାସେ
ସେହି ଭସା ମେଘ ଦେହେ
ଶବ୍ଦର ଚକ୍ରବ୍ୟୁହ
ଭିତରେ ମୁଁ ଆଉ ତୁମେ
ତୁମେ ଆଉ ମୁଁ
ଆଉ ଦୁନିଆ
ତାହା ମଧ୍ୟରେ
ଏକ ସୁନ୍ଦର ଘର
ଘର ଚାରି ପଟେ କାନ୍ଥ
ଝରକା ,କବାଟ ଖୋଲା
ଲାଗେ ନାହିଁ ଆମେ ବନ୍ଦୀ
ଏଣୁ ଭାସୁ ଥିବା ଅକ୍ଷର ଗୁଡିକ
ବିନା ନିମନ୍ତ୍ରଣରେ
ଆସି ପହଞ୍ଚି ଯାଆନ୍ତି
ଜଣାଶୁଣା ଅତିଥି ଭଳି
ଏରୁଣ୍ଡି ଡେଇଁ
ଘର ଭିତରେ.......
ତା ' ବାସ୍ନାରେ
ମହକି ଉଠେ ସାରା ଘର
କୋଣ ଅନୁକୋଣ
ଖୋଲା ଘର ଭିତରେ
ଘର ବାହାରେ
ଚାରିଆଡେ
ଖୋଲା ଆକାଶ ତଳେ
ଲଫାପା ଭିତରେ
ବାହାରେ
ପୁରୁଣା ଚିଠିରେ
ଯେଉଁଠି କେବଳ
ତୁମେ ଆଉ ମୁଁ
ମୁଁ ଆଉ ତୁମେ
ଆଉ ଦୁନିଆ......!!


♥ ଶିକ୍ଷକ
ନବୋଦୟ ବିଦ୍ୟାଳୟ
ସୁରଳ (ଗଞ୍ଜାମ)
(ମୋ)୯୪୩୭୭୮୮୪୬୪


## ଶିବମୁନିଙ୍କର ଏ ସଚ୍ଚାଜ୍ଞାନ


ଯୋଗୀ କୃପାସିନ୍ଧୁ ମୁନି




କହ କହ ଭାଇ କର୍ମ ବିନା କେହି
ହୋଇଅଛି ଧନବାନ
ମିଥ୍ୟା ଛାଡ଼ି ସତ୍ୟ କସରତ ବିନା
କେ ହୋଇଛି ବଳବାନ ।

ମର୍ତ୍ତ୍ୟେ ମାନବ ହୋଇଛି ଜନମ
ଈଶ୍ୱର ଦ୍ରୋହୀ କେ ନୁହେଁ ସୁଜନ ।

ସ୍ୱତନ୍ତ୍ର ବିଚାରେ ମୁକ୍ତ ହସ୍ତେଜନ
ଉଠିବକି ଦିଅ ଧ୍ୟାନ
ଗୋଲାମି ହୋଇ କେ ବିତିଲେ ଜୀବନ
କିଏ ହୋଇଛି ଯବାନ ।

ନିରାକାର କିଛି କୁହନ୍ତି ନାହିଁ
ଅଜ୍ଞାନୀ ଜନ ଯେ ମିଥ୍ୟା କହଇ ।

କଳ୍ପନା ଠାକୁର ବନାଏ ମନ୍ଦିର
କାଠ ମାଟି ପାଷାଣରେ
ଜୀବ ଶିବ ବୋଲି ନଜାଣଇଁ ସେହି
ମୂର୍ତ୍ତି ପୂଜେ ଅଜ୍ଞାନରେ ।

ଶିବ ମୁନିଙ୍କର ଏ ସଚ୍ଚା ଜ୍ଞାନ
ଯୋଗୀ କୃପାସିନ୍ଧୁର ନିବେଦନ ।


♥ ଜୁଣବଳଦା,
ଗୋଡ଼ିଖାଲ ଆଶ୍ରମ


## ଏ ସେଇ ସହର


ଦିବାକର ନାୟକ


ଏ ସେଇ ସହର ଯେଉଁ ସହରରେ
ଆପଣାର ଲାଗେ ଅଚିହ୍ନା ଲୋକ
ଗହଳି ଭିତରୁ ବାରି ହୋଇପଡେ
କିଏ ସେ ପ୍ରେମିକା କିଏ ପ୍ରେମିକ ।

ଝୁଣ୍ଟି ପଡିଲେ କି ରୁଧିର ଝରିଲେ
କା ପାଦ ଅଳତା ପରିକା ଲାଗେ
ବିଜୁଳି ଖୁଣ୍ଟରେ ଧୋକା ଖାଇଲେ ବି
ଫୁଲ ଛୁଆଁ ଭଳି ପୁଲକ ଜାଗେ ।

ଏଇ ସେଇ ଛକ ଚାରି ଆଖି ଦିନେ
ମିଶି ଯାଇଥିଲା ସିଧା ସଳଖ....
ଏ ସେଇ ସହର ଯେଉଁ ସହରରେ
ଆପଣାର ଲାଗେ ଅଚିହ୍ନା ଲୋକ ।


ଜୀବନ ବାଟରେ ବେଳେବେଳେ ପରା
ମିଠା ଅଘଟଣ ଏମିତି ଘଟେ
ସୁମଧୁର ସ୍ମୃତି ମିଠା ଅନୁଭୂତି
ଢେଉ ତୋଳେ ମନ ଯମୁନା ତଟେ ।

ଏଇ ସେ ଜନମ କୋଉ ଜନମର
ବାକି ପ୍ରୀତି ଏବେ ଦିଏ ଝଲକ....
ଏ ସେଇ ସହର ଯେଉଁ ସହରରେ
ଆପଣାର ଲାଗେ ଅଚିହ୍ନା ଲୋକ ।


♥ ପାଟପୁର, କନିସି-
୭୬୧୦୦୮, ଗଞ୍ଜାମ
ମୋ-୯୯୩୮୬୧୯୯୮୧

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୨୪ ଜାନୁଆରୀ, ସୋମବାର, ୨୦୨୨

# ଡାକ ବାକ୍ସ



ଶ୍ରୀନିବାସ ସେଠୀ



ପୁଅ କୋଭିଡ୍ ୱାର୍ଡରେ ଭର୍ତ୍ତି। ଛୋଟ ପିଲା । ବାହାରେ କେବେ ରହିନାହିଁ ଆମକୁ ଛାଡ। ମେଡ଼ିସିନ ନିଜେ କେବେ ମେଡିସିନ ଖୋପ ଭିତରୁ ଖୋଲି ଖାଇ ଜାଣିନାହିଁ । ହସ୍ପିଟାଲରେ ଆଡ଼ମିଶନ କରାଇ ଦେଲା ପରେ ଖାଲି କାନ୍ଦୁଥାଏ । ମୁଁ ଓ ମୋ ସ୍ତ୍ରୀ ଦିନକୁ ତିନି ଚାରି ଥର କୋଭିଡ୍ ୱାର୍ଡକୁ ଯାଇ ତାକୁ ବୁଝେଇ ଆସୁ ।

ତିନୋଟି ରୁମରେ କୋଭିଡ୍ ରୋଗୀ ଭର୍ତ୍ତି । ଏବେ ପଚସ୍ତରି ଜଣ । ରେଲୱେ ହସ୍ପିଟାଲ ବେକାବୁ ହେବାକୁ ବସିଲାଣି । ମୋତେ ଡାକ୍ତର ବାବୁ ତିନି ତିନି ଥର ଡାକି ସତର୍କ କରାଇ ସାରିଛନ୍ତି , ସାର୍ ! ଆପଣ ଏତେ ଥର କାହିଁକି ଆସୁଛନ୍ତି ? ଏ ସାଧାରଣ ୱାର୍ଡ ନୁହେଁ । ମାତ୍ର ଦଶ ମିନିଟ୍ ଯଥେଷ୍ଟ ସଂକ୍ରମିତ ହେବାକୁ। ଦେଖୁନାହାନ୍ତି ଏଠି ଡିଉଟି କରୁଥିବା ଆମର ଅଧିକାଂଶ ନର୍ସ ଏବେ ବେଡ୍‌ରେ ରହିଗଲେଣି ।'

ମୁଁ ବଡ ଅସହାୟ ଦିଶିଲି । କ'ଣ କରିହେବ । ପୁଅକୁ ଛାଡ଼ି ଆସିଲା ବେଳକୁ ଛାତି କୋରି କୋରି ଯାଉଥାଏ । ଛୋଟ ପୁଅ ଯେବେ ସେଠାରେ, ମୋତେ ଆଉ କୋଭିଡକୁ ଡର ଲାଗୁନାହିଁ। ନ ଯାଇ ରହି ପାରୁନଥାଉ । ଡାକ୍ତର ମଧ ଏବେ ବୁଝିଗଲେଣି ଯାଙ୍କୁ କହି କିଛି ଲାଭ ନାହିଁ ।

ତିନି ଦିନ ପରେ ମୁଁ ପଚାରିଲି, ' ସାର୍ ! ଏବେ ତ ଜ୍ୱର ନାହିଁ । କେବେ ଛାଡବେ ପୁଅକୁ ?' ମୁଁ ବ୍ୟସ୍ତ ହୋଇ ପଚାରୁଥାଏ ?।

ଡକ୍ଟର ବାବୁ ମୋତେ ତିକ୍ଷ୍ଣ ଦୃଷ୍ଟିରେ ଅନାଇ ଚାଲିଗଲେ । ମୁଁ କିନ୍ତୁ ପ୍ରତ୍ୟେକ ଦିନ ଯାଏ, ସେଇ ଏକା କଥା ପଚାରେ । ସେ କିଛି ଉତ୍ତର ଦିଅନ୍ତି ନାହିଁ । ପାଞ୍ଚ ଦିନ ବିତି ଗଲାଣି ।

ମୋ ଏଇ ଆସିବା ଭିତରେ ଅନ୍ୟ କିଛି ପେସେଣ୍ଟ ସହ ପରିଚୟ ହୋଇ ସାରିଥାଏ । ଜଣେ ବୟସ୍କ ଲୋକ ଥାନ୍ତି । ଦିନେ ଦେଖିଲି ତାଙ୍କ ପୁଅ ଆସି ଡାକ୍ତର ସହିତ ଝଗଡ଼ା କରୁଛନ୍ତି । ତାଙ୍କ ବାପା କୋଡ଼ିଏ ଦିନ ହେଲାଣି , ଏ ପର୍ଯ୍ୟନ୍ତ ଅଛନ୍ତି। ଭାବିଲି, ଏ ଯାଏ ଛୁଟି ମିଳିନି ବୋଲି ହୁଏତ ରାଗୁଥିବେ ।

ମୁଁ ଡାକ୍ତରଙ୍କୁ ପଚାରିଲି , 'ସାର୍ ! କ'ଣ ହେଲା ? ଏତେ ଦିନ ହୋଇଗଲାଣି । ଛାଡୁ ନାହାନ୍ତି କାହିଁକି ତାଙ୍କ ବାପାଙ୍କୁ ? କ'ଣ ଏତେ ଦିନ ଯାଏ କୋଭିଡ୍ ଠିକ ହୋଇନି ?'

- 'କ'ଣ କହିବି ତାଙ୍କ ପେସେଣ୍ଟ ପୁରାପୁରି ଠିକ୍ ହୋଇଗଲେଣି । ନେଇ ଯିବାକୁ କହିଲି । ମୋ ସହ ଝଗଡା କରୁଛନ୍ତି। ଆଉ କିଛି ଦିନ ପରେ ନେବେ । କହୁଛନ୍ତି, କାଶ ହେଉଛି, ବାପା ଠିକ୍ ହୋଇନାହାନ୍ତି । ବହୁତ ଥଣ୍ଡା ପଡ଼ିଛି , ବ୍ୟସ୍କ ଲୋକ, କାଶ ଏକାବେଳକେ ଛାଡ଼ି ଯିବ ନାହିଁ । ଏଇଠାରେ ଥରେ ଆଡ଼ମିଶନ କରି ଛାଡ଼ି ଚାଲି ଯାଇଛନ୍ତି, ଫୋନ୍ କଲେ ଉଠାନ୍ତି ନାହିଁ । ଘରକୁ ନେଇ ଯିବାର ନାମ ମଧ ଧରୁ ନାହାନ୍ତି ।'

ସେ ତା ବୟସ୍କ ବାପାଙ୍କୁ ନେଇ ଫେରି ଯାଇଥିଲେ। ଠିକ୍ ହୋଇ ଆସୁଥିବା କିଛି ପେସେଣ୍ଟ ଅନ୍ୟ ରୁମକୁ ସିଫ୍ଟ ହୋଇଗଲେ । ମୋ ପୁଅ ମଧ । ଡାକ୍ତର କହିଲେ, ଆଉ ତିନି ଦିନ ପରେ ଆଠ ଦିନ ହୋଇଯିବ। ଆପଣ ନେଇ ଯିବେ। ଆପଣଙ୍କ ପୁଅ ଭଲ ହୋଇ ଆସିଲାଣି ।

ବୟସ୍କ ଲୋକଟି ଖୁବ୍ ଭଲ। ରେଲୱେରୁ ଅବସର ନେଲେଣି ପାଞ୍ଚ ବର୍ଷ ତଳେ । ସେ ହିଁ ମୋ ଛୋଟ ପୁଅକୁ ସମ୍ଭାଳି ନେଇଛନ୍ତି । ଥଣ୍ଡା ରାତିରେ ପୁଅ ଦେହରୁ କମ୍ବଳ ଖସିଗଲେ, ସେ ହିଁ ରାତିରେ ଦୁଇ ତିନି ଥର ଉଠି ଭଲ ଭାବରେ କମ୍ବଳକୁ ଢାଙ୍କି ଦିଅନ୍ତି । ଥର୍ମସରୁ ଗରମ ପାଣି ଢ଼ାଳି ମନେ କରି କୁହନ୍ତି ଗଳା ପାଖରେ ପାଣି ନେଇ କୁଳୁକୁଳୁ କରିବାକୁ। ରାତିରେ ପୁଅ ସେଇମିତି ମୋବାଇଲ ଫିଙ୍ଗି ଶୋଇ ଯାଇଥାଏ। ତା ମୋବାଇଲ ଚୋରି ହୋଇଯିବ ଭାବି ଲୋକ ଜଣକ ନିଜେ ରଖି ଦିଅନ୍ତି , ପୁଣି ସକାଳୁ ଉଠି ଦିଅନ୍ତି । କାନ୍ଦିଲେ, କେତେ ଆଳରେ ବୁଝାଇ ଦିଅନ୍ତି ।'

ସେ ବୟସ୍କ ମଉସା ଜଣକ ମୋତେ ଡାକି ପଚାରିଲେ, ' ପିଲା ମାନଙ୍କୁ ଏତେ ଅସହାୟ କରି ବଢାଅନି ଯେମିତି ବାହାରେ ଆଠ ଦଶ ଦିନ ବାପା ମାଆକୁ ଛାଡ଼ି ରହି ପାରିବ ନାହିଁ । ମୁଁ କ'ଣ କହିବି, ମୁଁ ନିଜେ ତ ଏଇମିତି ମୋ ପୁଅକୁ ବହୁତ ଗେହ୍ଲାରେ ବଢାଇ ଥିଲି ।'

ପୁଣି ଟିକିଏ ନିରବ ରହି ପଚାରିଲେ, 'ଆଜି ଆମ ପୁଅ ଆସିଥିଲା କି ?'

ମୁଁ କହିଲି 'ହଁ , ଡାକ୍ତର ବାବୁଙ୍କ ସହ କଥା ବାର୍ତ୍ତା କରିଗଲେ, ଆଉ ଦୁଇ ତିନି ଦିନ ପରେ ଆସି ହୁଏତ ନେଇଯିବେ ।'

କିନ୍ତୁ ସତ କଥା ମୁଁ କହି ପାରିଲି ନାହିଁ ।

- 'ମୋ ପୁଅ କି ବୋହୂ ମୋ ଫୋନ୍ ଆଉ ଉଠାଉ ନାହାନ୍ତି । ଆପଣଙ୍କୁ ମୁଁ ନମ୍ବର ଦେଉଛି, ଟିକିଏ ଫୋନ୍ କରି କହିବେ ତ ମୋତେ ନେଇଯିବେ। ଡାକ୍ତର ବାବୁ ବାରବାର କହୁଛନ୍ତି ଘର ଲୋକଙ୍କୁ ଡାକି ଦେବାକୁ । ରିଲିଜ କରିବେ । ଏଇଠି ବେଶି ଦିନ ରହିଲେ ଭଲ ଲୋକ ପୁଣି ଅସୁସ୍ଥ ହୋଇ ଯାଇ ପାରେ ।'

ମୁଁ ସେ ନମ୍ବରରେ ଫୋନ୍ କଲି । ଜଣେ ମହିଳା ଉଠାଇଲେ । କଥା ଉର୍ତ୍ତାରୁ ତାଙ୍କ ବୋହୂ ପରି ମନେ ହେଲା । ସବୁ ଶୁଣିଲା ପରେ ମୋ ଉପରେ ହଠାତ୍ ଚିଡି ଯାଇ କହିଲେ,

- 'ଆପଣ କିଏ ଏ ସବୁ ବୁଝାଇବାକୁ ? ସେ ଆଉ କିଛି ଦିନ ରୁହନ୍ତୁ । ଘରେ ଆସି କ'ଣ କରିବେ ? ସେଠାରେ ଡ଼ାକ୍ତର ଅଛନ୍ତି । ଅସୁବିଧା କ'ଣ ? ଭଲ ଭଲ ଖାଇବାକୁ ଦିଆ ଯାଉଛି । ଏଠି ଆସି ଆମକୁ ହଇରାଣ କରିବେ ।'

ମଉସାଙ୍କ ବୋହୂ କୁଆଡେ ଜଣେ ନର୍ସରୀ ସ୍କୁଲର ଶିକ୍ଷୟିତ୍ରୀ। ପୁଅ କେଉଁ ପ୍ରାଇଭେଟ୍ କମ୍ପାନୀରେ ଇଂଜିନିୟର ।

ମୁଁ କେମିତି ବୁଝାଇବି ଏତେ ଶିକ୍ଷିତ ଲୋକଙ୍କୁ , 'ମୃତ୍ୟୁର ଦୁଆରେ ବସିରହିଲେ, ସବୁ ଖାଇବାଟା ଅରୁଚି ଲାଗେ ବୋଲି। 'ବୟସ୍କ ବାପା କି ଶଶୁରକୁ ଯେତେବେଳେ ବୋଝ ବୋଲି ମନେ କରନ୍ତି, ସେତେବେଳେ ବୁଝାଇବା ବହୁତ କଷ୍ଟ ।

ମୁଁ ଅଗତ୍ୟା କ'ଣ କହିବି ଭାବି ଚୁପ୍ ରହିଲି । ମଉସା ଜଣକ ମୋ ମୁହଁକୁ ଦେଖି ସବୁ ବୋଧେ ବୁଝି ପାରିଲେ । କହିଲେ, ' ଠିକ୍ ଅଛି , ଆଜି ଦୁଇ ତାରିଖ, ରବିବାର। କାଲି ସୋମବାର, ମୋ'ର ମନେ ହେଉଛି, ପୁଅ ନଚେତ୍ ବୋହୂ କେହି ହେଲେ କାଲି ଆସିବେ ।'

ମୁଁ ଆହୁରି ଉଦାସ ହୋଇଗଲି ତାଙ୍କ କଥା ଶୁଣି । ଲୋକଟି କେତେ ଆଶା ନେଇ ଅପେକ୍ଷା କରିଛି ତା ପୁଅ କାଲି ଆସି ନେଇ ଯିବ ଘରକୁ। ଏଠାରେ ରହିଲେ ପୁନର୍ବାର ସଂକ୍ରମଣ ହୋଇ ପାରେ। ବୟସ ହୋଇଗଲେ ବି କାହାର ବଞ୍ଚିବାର ମୋହ ନାହିଁ ?

- 'କେମିତି ଜାଣୁଛନ୍ତି, ସେ କାଲି ଆସିବେ ବୋଲି ?' ମୁଁ ହତାଶ ହୋଇ ପଚାରିଲି ।

ମଉସା ହସିଲେ , କିଛି କହିଲେ ନାହିଁ ।

- ' ଆପଣଙ୍କୁ ମଉସା କୋଭିଡ୍ ହେଲା କେମିତି ?'

-' ଠିକରେ ଜାଣେନି । ଲାଗୁଛି ପରିବା ବଜାରରେ ହୋଇଥିବ । ଅବସର ପରେ ମୋ'ର ବେଶି କାମ ନଥାଏ । ସକାଳ ବଜାର ମୁଁ ଯାଇ କରିଦିଏ। ପୁଅ ବୋହୂ ବିଳମ୍ବରେ ଶୁଅନ୍ତି, ଉଠନ୍ତି ଲେଟ୍‌ରେ। ମାର୍କେଟ ପାଖରେ ଗୋଟେ ଭଲ ଚାହା ଦୋକାନ ଅଛି। ବିସ୍କୁଟ ଚାହା ସେଇଠି ପିଏ। ପୁଣି ମାର୍କେଟ ସାରି ନଅଟା ପାଖାପାଖି ଫେରେ । ଯିବାବେଳେ ଚାଲି ଚାଲି ଯାଏ, ଫେରିଲା ବେଳେ ରିକ୍ସାରେ ଫେରେ ।

ରିକ୍ସାରେ ଫେରିଲେ ବୋହୂ ଟିକିଏ ରାଗେ । କୁହେ, ଏତେ ଅଳ୍ପ ବାଟ, ସକାଳେ ଟିକିଏ ଚାଲିଲେ ଦେହ ଭଲ ରହିବ , ଅଳସୁଆ ପରି ରିକ୍ସାରେ ଆସନ୍ତି କାହିଁକି ? କିନ୍ତୁ ପରିବା ଝୁଲା ଓଜନ ଥାଏ । ଖାଲି ଏଇମିତି ଚାଲି ପାରେ ସିନା, ହାତରେ ଓଜନିଆ ବ୍ୟାଗ୍ ଓହଳେଇ ଚାଲିଲେ କଷ୍ଟ ହୁଏ । ପୁଅ ଅବଶ୍ୟ କିଛି କୁହେନି ।'

- 'ବୋହୂର ରିକ୍ସା ପଇସା ଖର୍ଚ୍ଚ ହୋଇଯାଉଛି, ସେଇଥିପାଇଁ ହୁଏତ କହୁଥିବେ ଓଲଟା ବୁଝେଇ ।'

ମଉସା ଜଣକ ବଡ ସ୍ୱାଭିମାନି। ହଠାତ୍ ପ୍ରତିବାଦ କରି କହିଲେ,

- ' ତା'ର ପଇସା କାହିଁକି ଖର୍ଚ୍ଚ ହେବ । ମୁଁ ତ କୋଡିଏ ହଜାର ପେନସନ ପାଏ । ପଇସା ଉଠାଇ ଦିଏ। ସେଇ ପଇସାରେ ମୁଁ ସକାଳ ମାର୍କେଟିଂ କରେ । ଆମେ ଯେଉଁ ଫ୍ଲାଟରେ ରହୁଛେ ସେ ଘର କିଣିବା ପାଇଁ ମୋର ସମୁଦାୟ ରିଟାୟାରମେଣ୍ଟ ଟଙ୍କା ଚାଳିଶ ଲକ୍ଷ ଦେଇଥିଲି । ମୋ'ର ଗୋଟିଏ ପୁଅ। ମୋର ପଇସା କ'ଣ ହେବ ?'

ମୁଁ ଭାବିଲି ଲୋକଟି କେତେ ନିରିହ । କେତେ ଆଶା ରଖି କହୁଛି ତା ପୁଅ କାଲି ଆସିବ ବୋଲି । ମୁଁ କିନ୍ତୁ ଯେଉଁ କଥାବାର୍ତ୍ତା କରି ଜାଣିଲ, ସେ କେବେ ବି ନେଇ ଯିବାକୁ ଚାହୁଁନାହାଁନ୍ତି ।

କିନ୍ତୁ ସତକୁ ସତ ଠିକ୍ ତା ପର ଦିନ ତା ବୋହୁ ଆସିଥିଲେ ନେଇ ଯିବାକୁ । ଡାକ୍ତରଙ୍କୁ ବ୍ୟସ୍ତ ହୋଇ କହିଲେ , ' ସାର୍ ! ଆଜି ବାପାଙ୍କୁ ନେଇଯିବୁ । ବାପା ନଥିଲେ ଘରଟା ବହୁତ ଖାଲି ଖାଲି ଲାଗୁଛି । ଯାଙ୍କ ପୁଅକୁ କେବେ ଠୁ କହୁଛି, ବାପାଙ୍କୁ ନେଇଆସ । ଘରେ ଆମେ ଗରମ ପାଣି, ତାଙ୍କ ପାଇଁ ଫଳ, ଖିଆ ପିଆ, ସେବା ଯତ୍ନ ନେଇ ପାରିବୁ। ସେ ବାହାରେ ଅଛନ୍ତି , ଆସି ପାରୁନଥିଲେ । ଆପଣ ରିଲିଜ କରି ଦିଅନ୍ତୁ ।' ସେ ମଉସାଙ୍କୁ ନେଇ ଯିବାକୁ ବ୍ୟସ୍ତ ହେଉଥିଲେ ।

ମୁଁ ଅଯଥାରେ ତାଙ୍କୁ ଏତେ ଖରାପ ଭାବୁଥିଲି । ଯିବା ସମୟରେ ମୋ ପୁଅ ଆଖିରୁ ଦୁଇଟୋପା ଲୁହ ଝରି ପଡିଥିଲା । ସେ କେତେ ଦିନ ତଳେ ତା ଜେଜକୁ ହରାଇଥିଲା । ଆଜି ପୁଣି ଥରେ ତା ଜେଜେ ପରି କେହି ଜଣେ ଦୂରେଇ ଗଲା ବେଳେ ତା ମୁହଁ ଥମଥମ ହୋଇ ଯାଇଥିଲା । କିନ୍ତୁ ଉପର ବେଳା ମୋ ପୁଅ ମଧ ରିଲିଜ୍ ହୋଇ ସାରିଥିଲା ।

ଚାରି ଦିନ ପରେ ହଠାତ୍ ମୋର ମନେ ପଡିଲା । ମୋ ପୁଅକୁ ନିଜ ନାତି ଭଳି ଭଲ ପାଇ ଯତ୍ନ ନେଇଥିବାରୁ ଥରେ ଫୋନ୍ କରି ଧନ୍ୟବାଦ ଦେବାକୁ ।

ସେ ମଉସା ଫୋନ୍ ପାଇ ବହୁତ ଖୁସି ହେଲେ। ପୁଅ ସାଙ୍ଗରେ କଥା ହେଲେ । ମୁଁ ଶେଷରେ ପଚାରିଲି,'ଆଚ୍ଛା ! ଆପଣଙ୍କୁ ଗୋଟିଏ କଥା ପଚାରିବି , କିଛି ମନେ କରିବେନି । ମୁଁ ଆପଣଙ୍କ ପୁଅ ବୋହୁକୁ ବହୁତ ଖରାପ ଭାବୁଥିଲି ଏଇଥିପାଇଁ ଯେ ସେମାନେ ଥରେ ହସ୍ପିଟାଲରେ ଭର୍ତ୍ତି କରି ଆଉ ଘରକୁ ନେଇ ଯିବାକୁ ନାମ ଧରୁ ନଥିଲେ । ଆପଣଙ୍କ ଫୋନ୍ ମଧ ଉଠାଉ ନଥିଲେ । କିନ୍ତୁ ଦୁଇ ତାରିଖ ଦିନ ଆପଣ କେମିତି ଜାଣିଲେ, ତା ପର ଦିନ ସେମାନେ ଆସିବେ ନେଇଯିବାକୁ। ଆପଣଙ୍କୁ ପଚାରିଲି, ଆପଣ କିନ୍ତୁ କିଛି ନକହି କେବଳ ହସିଲେ ।

- 'ସେ ସବୁ କ'ଣ କହିହୁଏ ଘର କଥା । ତଥାପି ଆପଣଙ୍କୁ ଭଲ ଲାଗେ ବୋଲି କହୁଛି, ତିନି ତାରିଖ, ସୋମବାର । ମୋ ପୋଷ୍ଟ ଅଫିସ ଏକାଉଣ୍ଟରେ ପେନସନ ରାଶି ଜମା ହୁଏ। ମୁଁ ନିଜ ପାଇଁ ଖର୍ଚ୍ଚ କରେନି ସିନା, ଠିକ୍ ସମୟରେ ପୋଷ୍ଟ ଅଫିସ ଯିବାକୁ ହୁଏ ପଇସା ଉଠାଇବାକୁ।' ଏତକ ଶୁଣି ସାରିଲା ପରେ ଗୋଟିଏ ଦୀର୍ଘଶ୍ୱାସ ବାହାରି ଆସିଲା । ମୁଁ ବାହାରକୁ ଚାହିଁ ଦେଖୁଥିଲି , ସାମନାରେ ଡାକ ଘର। ଗୋଟିଏ ରକ୍ତ ରଂଗର ଡାକ ବାକ୍ସଟିଏ , ଭୂଇଁ ଉପରେ ଶ୍ରୀହୀନ ହୋଇ ପଡିଛି । ଆଉ କାହାର ଚିଠି ଆସୁନାହିଁ କି କାହାର ଆଉ ଅପେକ୍ଷା ରହିନାହିଁ ଚିଠିର ।

+ରେଲ୍ ମିନାର, ଜଜେଶ୍ କୋର୍ଟ ରୋଡ , କଲିକତା-୨୭

# ବୋଉ ମୋର ଅନ୍ଧୁଣୀ

ଝରଣା ବାରିକ

ରାତି ପାହିଲେ ବୋଉ ଡାକରେ ନିଦ ଭାଙ୍ଗିଯାଏ। ଭୋକ ହେବା ଆଗରୁ ବୋଉ ହାତ ରନ୍ଧା ଖାଇବା ପହଞ୍ଚି ଯାଏ। ଦାନ୍ତ ଘଷି ସାରିବା ପରେ ଟିଫିନ୍ ହେଉ କି ଗାଧେଇ ସାରିଲେ ପଖାଳ ଆଳୁ ଚକଟା ହେଉ । ସବୁବେଳେ ବୋଉ ଜଗି ରହିଥାଏ। ଜେଜେଙ୍କର ଚା କପ୍‌ଠୁ ଆରମ୍ଭ କରି ଜେଜେ ମାର ପାନ ଭଙ୍ଗା ପର୍ଯ୍ୟନ୍ତ। ବାପା ତ ବୋଉ ନଥିଲେ ବୋଧ ହୁଏ କିଛି କରି ପାରନ୍ତେନି। ଏମିତିକି ଗାମୁଛାଟିଏବି ମିଳେନି ତାଙ୍କର ବୋଉ ନ ଦେବା ପର୍ଯ୍ୟନ୍ତ। ଧିରେ ଧିରେ ବଡ଼ ହେବା ପରେ ମୁଁ ଭାବେ ଏକା ବେଳକେ ଏତେ କାମ ପୁଣି ସମସ୍ତଙ୍କର, କେମିତି କରି ପାରୁଛି ବୋଉ।

ବାଡି ପଟେ ଶାଗ କିଆରିଟିଏ କରିଛି। କାକୁଡି, ଜହ୍ନି ପୋଇ, ଏମିତି କେତେକଣ ଲଗେଇ ଦେଇଛି ବୋଉ। ଲଙ୍କା ଗଛ ତ କେବେ ବାଡିରୁ ସରେ ନାହିଁ କି ମରେ ନାହିଁ। ଫୁଲ ଗଛବି କମ୍ ନାହିଁ ଟଗର, ମନ୍ଦାର, ସୁଗନ୍ଧ ରାଜ, ମଲ୍ଲୀ ବାର ଜାତି ଫୁଲ ଲଗେଇ ଦେଇଛି ବାଡ଼ିରେ। ଘର କାମ ସବୁ ସରିଲା ପରେ ବୋଉ ଆସି ଟିକେ ବାଡ଼ିରେ ବୁଲେ, କୋଉ ଫୁଲ ଗଛ ଶୁଖି ଯାଇଛି କିଏ ଝାଉଁଳି ପଡ଼ିଛି କାହା ମୂଳରେ ଘାସ ଉଠିଛି ତାହା ନିରେଖି ଦେଖି ସଫା କରିଦିଏ। ମୁଁ ବି ସ୍କୁଲରୁ ଫେରିଲେ ବୋଉ ସାଙ୍ଗରେ ବାଡିରେ ବୁଲେ। ବାଡିରେ ଆମର ଗୋଟିଏ ବଡ଼ ବାଉଁଶ ବୁଦା ଥାଏ ଟିକିଏ ସଞ୍ଜ ବୁଡ଼ିଗଲେ ଭୁତମାନେ ସବୁ ଆସିକି ବସି ଯାଆନ୍ତି । କେତେ ବେଳେ ଜୋରରେ ପବନ ହେଇ ନଇଁ ଯାଏ ତ କେତେବେଳେ କଡ କଡ କରୁଥାଏ। ସେଥିପାଇଁ ମୁଁ ବେଶୀ ବାଡି ଆଡ଼କୁ ଯାଏନି। ଭାରି ଡର ମାଡେ।

ସଞ୍ଜ ବୁଡ଼ିଗଲେ ସଞ୍ଜ ସଳିତା ଦେଇ ପୁଣି ନିଜ କାମରେ ଲାଗିପଡେ। ବୋଉ ମୋର ବେଶୀ ପାଠ ପଢିନି। ନିଜେ କିଛି ପଢି ପାରେନି ବୋଲି ଆମକୁ ତାଗିଦ୍ କରି ନାଲି ଆଖି ଦେଖେଇ ପାଠ ପଢିବା ପାଇଁ ଜୋର କରେ। ଆମକୁ ବୁଝେଇ କୁହେ ମୁଁ ସିନା ଅନ୍ଧୁଣି ହେଲେ ତମ ମାନଙ୍କର ଆଖି ଅଛି ତୁମରି ଆଖିରେ ମୁଁ ବି ଦୁନିଆଁ ଦେଖିବି। ଆମେ ବୁଝି ପାରୁନି ବୋଉ ଆମକୁ ଅନ୍ଧୁଣୀ ବୋଲି କାହିଁକି କୁହେ। ସିଏ ତ ସବୁ କରିପାରେ ତା ବିନା ଏ ଘର ଅନ୍ଧାର ହେଲେ ବୋଉ କହେ ମୁଁ ଅନ୍ଧୁଣୀ।

ଏ କଥା ବୋଉକୁ ମୁଁ ପଚାରିଲି ବୋଉ ହସିଲା ଆଉ କହିଲା ରହ କହିବି ତତେ ଶୋଇଲା ବେଳେ ଗପଟିଏ କହିବି ତୁ ଠିକ୍ ବୁଝିଯିବୁ। ମନଟା ଭାରି ବ୍ୟସ୍ତ ଲାଗୁଥାଏ କେତେବେଳେ ବୋଉର କାମ ସରିବ ଆଉ ବୋଉ ଶୋଇବାକୁ ଆସିବ। ଜେଜେ, ଜେଜେମା, ବାପା ଆଉ ଆମେ ଭାଇ ଭଉଣୀ ସମସ୍ତେ ଖାଇ ସାରିଲେ ବୋଉ ଖାଏ। ରୋଷେଇ ଘର ପରିଷ୍କାର କରି ଧୁଆଧୋଇ ହୋଇ ବୋଉ ଶୋଇବାକୁ ଆସେ।

ବୋଉ ମୋ ମୁଣ୍ଡ ଆଉଁସି ଦେଲେ ମୁଁ ଶୋଇପଡେ। ସେଦିନ କିନ୍ତୁ ନିଦ ହେଉ ନ ଥାଏ । ବୋଉ ଗପ କହିବାକୁ କହିଛି ଶୁଣିବି ତାପରେ ଯାଇ ଶୋଇବି। ବୋଉ କାମ ସାରି ମୋ ପାଖରେ ଆସି ଶୋଇଲା। ମୁଁ କହିଲି ବୋଉ ତୁ କହିଥିଲୁ ଗପ କହିବୁ କହୁନୁ। ବୋଉ ଆରମ୍ଭ କଲା :



ଗୋଟିଏ ଦେଶରେ ଗୋଟିଏ ରାଜା ଥିଲେ। ସେ ରାଜା ତାଙ୍କ ମହାମନ୍ତ୍ରୀଙ୍କୁ ଆଦେଶ ଦେଇ କହିଲେ:

ମହାମନ୍ତ୍ରୀ ମୋ ଦେଶରେ ଯେତେ ଅନ୍ଧ ଅଛନ୍ତି କାଲି ସମସ୍ତଙ୍କୁ ଆଣି ମୋ ରାଜ ଦରବାରରେ ହାଜର କରାଇବ।

ମହାମନ୍ତ୍ରୀ ଯଥା ଆଜ୍ଞା କହି ଦଣ୍ଡବତ ହେଲେ। ତହିଁ ଆରଦିନ ସକାଳୁ ରାଜା ଆସି ଦରବାରରେ ପହଞ୍ଚିଲେ। ମହାମନ୍ତ୍ରୀଙ୍କୁ ଡକାଗଲା। କାଲି ଦେଇଥିବା କାର୍ଯ୍ୟକୁ ସଠିକ୍ ଭାବରେ ତୁଲେଇଛନ୍ତି କି ନାହିଁ ପଚରାଗଲା। ଆଜ୍ଞା ହଜୁର କହି ମହାମନ୍ତ୍ରୀ ନତମସ୍ତକ ହୋଇ ଠିଆ ହୋଇ ରହିଲେ।

ରାଜା ଆଦେଶ ଦେଲେ ସେମାନଙ୍କୁ ଆଣି ରାଜ ଦରବାରରେ ହାଜର କରାଯାଉ । ସଙ୍ଗେ ସଙ୍ଗେ ମହାମନ୍ତ୍ରୀ ସମସ୍ତଙ୍କୁ ରାଜାଙ୍କ ସମ୍ମୁଖରେ ଆଣି ଛିଡ଼ା କରିଦେଲେ। ସମସ୍ତଙ୍କୁ ଦେଖି ରାଜା ଆଶ୍ଚର୍ଯ୍ୟ ହୋଇଗଲେ ଓ ମହାମନ୍ତ୍ରୀଙ୍କ ଉପରେ ଗର୍ଜି ଉଠିଲେ ଏ କଣ ମହାମନ୍ତ୍ରୀ ମୁଁ ତୁମକୁ କ'ଣ କହିଥିଲି ତମେ କଣ କରିଛ।

ରାଜାଙ୍କ ଆଦେଶର ଅବମାନନା କରି ଥିବାରୁ ମହାମନ୍ତ୍ରୀଙ୍କୁ ଶୁଳିଦଣ୍ଡ ଦେବା ପାଇଁ ଆଦେଶ ଦିଆଗଲା। ମହାମନ୍ତ୍ରୀ ଯାହା କହିବାକୁ ଚାହୁଁ ଥିଲେ ତାହା ମଧ କହି ପାରିଲେ ନାହିଁ। ମଥାପାତି ରାଜାଙ୍କ ଆଦେଶକୁ ପାଳନ କଲେ। ଶେଷରେ ଶୁଳି ଉପରକୁ ନିଆଗଲା। ମହାମନ୍ତ୍ରୀଙ୍କୁ ତାଙ୍କର ଶେଷ ଇଛା କ'ଣ ବୋଲି ପଚରାଗଲା । ମହାମନ୍ତ୍ରୀ ଏତିକି କହିଲେ ମୋର ଶେଷ ଇଛା ଯେଉଁ ଲୋକମାନଙ୍କୁ ଆଖି ଥାଉ ଥାଉ ମୁଁ ଅନ୍ଧ ବୋଲି ଆଣି ରାଜ ଦରବାରରେ ଠିଆ କରିଛି ସେଇ ମାନଙ୍କ ମୁହଁରୁ ଭାଗବତ ଗୀତାର ଗୋଟିଏ ଗୋଟିଏ ପଦ ଶୁଣିବାକୁ ଚାହେଁ। ସେଇଥିରେ ମୋ ଆତ୍ମା ଶାନ୍ତି ପାଇବ ମୁଁ ଶାନ୍ତିରେ ମରିପାରିବି।

ମହାମନ୍ତ୍ରୀଙ୍କ କହିବାନୁଯାୟୀ ସମସ୍ତଙ୍କୁ ଭାଗବତ ବହି ଖଣ୍ଡେ ଖଣ୍ଡେ ଦିଆଗଲା ଓ ଗୋଟିଏ ଗୋଟିଏ ପଦ ପାଠ କରିବା ପାଇଁ କୁହାଗଲା। ସମସ୍ତେ ବହିକୁ ଅନେଇ ରହିଲେ କିନ୍ତୁ କାହାରି ପାଟିରୁ ଗୋଟିଏ ବି ଶବ୍ଦ ଶୁଭିଲା ନାହିଁ। ଶୁଳି ଦେବାର ସମୟ ଗଡ଼ି ଯାଉଥିବାରୁ ରାଜା ପାଟି କରି ଉଠିଲେ । କଣ ହେଉଛି ଏସବୁ ଯଥା ଶୀଘ୍ର ଭାଗବତ ପାଠ କରାଯାଉ ଓ ଶୁଳି କାର୍ଯ୍ୟ ସମାପନ କରାଯାଉ।

ରାଜାଙ୍କ ତାଗିଦ୍‌ର କୌଣସି ପ୍ରକାରର ଫରକ ପଡ଼ିଲା ନାହିଁ।

ଏଥର ମହାମନ୍ତ୍ରୀ ଆଉ ଚୁପ୍ ରହିଲେ ନାହିଁ । କହିଲେ ମହାରାଜ ଏମାନଙ୍କର ଆଖି ଅଛି ସତ କିନ୍ତୁ ଏମାନେ ଜଣେ ଜଣେ ଅନ୍ଧ। କାରଣ ମୁର୍ଖଠାରୁ ବଳି ଅନ୍ଧ ଏ ସଂସାରରେ ବିରଳ। ଆପଣ କହିବା ଅନୁସାରେ ମୁଁ ଆଖି ଥିବା ଲୋକ କେମିତି ଅନ୍ଧ ହୋଇ ପାରେ ଜଣାଇବା ପାଇଁ ଏ ରାଜ ଦରବାରରେ ଏମାନଙ୍କୁ ଆଣି ଛିଡ଼ା କରାଇଛି। ରାଜା ନିଜର ଭୁଲ୍ ବୁଝିପାରିଲେ। ମହାମନ୍ତ୍ରୀଙ୍କୁ ଶୁଳି ଦଣ୍ଡରୁ ମୁକ୍ତ କରାଗଲା।

ଶେଷରେ ବୋଉ ଏତିକି କହିଲା ମୁଁ ସିନା ସବୁ କରିପାରେ ହେଲେ ମୁଁ ଗୋଟିଏ ଅନ୍ଧ ସହିତ ସମାନ। ବୋଉ ଆଖିରୁ ଲୁହ ଦି ଟୋପା ଝରି ଆସି ମୋ ଗାଲରେ ପଡ଼ିଲା । ଭାରି ଉଷୁମ ଥିଲା ଲୁହ ଦି ଟୋପା ।

+ସମଲ, ତାଳଚେର, ଅନୁଗୋଳ
ମୋ: ୯୫୫୬୮୪୬୯୩୨

# ରେବ ଦେଇ

ବିଜୟ କୁମାର ପଣ୍ଡା



ଗାଁ ସାରା ଚହଳ ପଡିଛି ପୋଲିସ ଆସି 'ରେବ ଦେଇ'କୁ ବାନ୍ଧି ନେଇଗଲେଣି।

'ରେବ ଦେଇ' ଗୋଟେ ଲୋକକୁ ପିଟି ପିଟି ତା ମୁଣ୍ଡକୁ ଫଟେଇ ଦେଇଛି। ଲୋକଟି ବେହୋସ ହୋଇ ପଡ଼ିଛି। ଖବରଟା ଶୁଣି ମୋ ମୁଣ୍ଡରେ ଚଡ଼କ ପଡ଼ିଲା। ଆହା ଭାରି ନିରିହ ମଣିଷଟିଏ। ସେ ଏମିତି କେମିତି କରିପାରିବ!! ଶ୍ୱଶୁର ଘର ନିର୍ଯ୍ୟାତନାରୁ ମୁକ୍ତି ପାଇବା ପାଇଁ ସେ ସବୁ ବନ୍ଧନ ତୁଟେଇ ଆସି ଗାଁରେ ରହିଛି କାହିଁ କେତେ ବର୍ଷରୁ। ଜଣକୁ ପାଳକ ପୁଅ କରି ତାରି ମୁହଁ ଚାହିଁ ବାକି ଜୀବନ କାଟୁଛି।

ଏଇତ ତିନି ଚାରିଦିନ ତଳେ ତାକୁ ଦେଖିଥିଲି। ବହୁତ ଚିନ୍ତିତ ଆଉ ବିବ୍ରତ ଦେଖାଯାଉଥିଲା।

:'ଆଜି କେଉଁ ଜାଗାରେ ଭୋଜି ରାନ୍ଧିବାକୁ ତୋତେ ବରାଦ ମିଳିନି କି ? ନୂଆବର୍ଷ ଦିନରେ ତୁ ଏମିତି ଖାଲିଟାରେ ବୁଲିବା ମୁଁ କେବେ ଦେଖିନି ତ !!'

:'ନାହିଁରେ ମନଟା ଭଲ ନାହିଁ। ସରକାରୀ ସହାୟତା ଯେତେ ସବୁ ଆସୁଛି, ତାହା ମୋ ବ୍ୟାଙ୍କ ଆକାଉଣ୍ଟରେ ନପଡ଼ି ଅନ୍ୟ ଜଣଙ୍କର ଆକାଉଣ୍ଟକୁ ଚାଲିଯାଉଛି'। ସେ ଦୁଃଖ ପ୍ରକାଶ କଲା।

: 'ଏମିତି କେମିତି ହେବ ଯେ ? ତୋର ସବୁ ଆଧାର, ବ୍ୟାଙ୍କ ଆକାଉଣ୍ଟ କାଗଜପତ୍ର ମୋତେ ଦେଖେଇପାରିବୁ ? ମୁଁ ଭୋଜିରୁ ଫେରିଲେ ସେସବୁ ଦେଖିବା।'

ସବୁ କାଗଜପତ୍ର ଦେଖିଲା ପରେ ଜଣାପଡ଼ିଲା ତାର ଆକାଉଣ୍ଟ ଖୋଲିବାର ବର୍ଷେ ପରେ ତାର ଆଧାର ସହିତ ଆଉ ଜଣଙ୍କ ବ୍ୟାଙ୍କ ଆକାଉଣ୍ଟ ଲିଂକ ହୋଇଯାଇଛି। ସେ ବ୍ୟାଙ୍କ ମ୍ୟାନେଜରଙ୍କୁ ବି ଦେଖା କରିସାରିଥିଲା। ହେଲେ କିଛି ଫଳ ପାଇଲାନି। ଆକାଉଣ୍ଟ ବ୍ଲକ୍ ହେଲେ କଣ ହେବ, ପୁରୁଣା ଟଙ୍କା ବି ତାକୁ ମିଳିଲାନି। ସରପଞ୍ଚ ପାଖକୁ ଯାଇଥିଲା। ଥାନାକୁ ଯିବା ପାଇଁ ସେ ଲୋକକୁ ଧମକ ବି ଦେଲା। ହେଲେ ସବୁଥିରେ ନିରାଶ ହେଲା। ସେଦିନ ମୁହଁ ସଞ୍ଜ ହେବ।

ତା ଟଙ୍କା ହଡ଼ପିଥିବା ଲୋକଟି ବଜାରରୁ ଫେରୁଥିଲା। ରେବ ଦେଇ ରାସ୍ତାକଡରେ ବାଡ଼ିଖଣ୍ଡେ ଧରି ଛପି ବସିଥାଏ। ସେ ଲୋକଟି ଯେମିତି ତା ପାଖାପାଖି ହୋଇଛି ତାକୁ ଶକ୍ତ ପାହାରେ ଦେଲା। ଲମ୍ୱାଚଉଡ଼ା ଲୋକଟି ତଳେ ଧଡ଼କିନା ପାହାଡ଼ ପରି ପଡ଼ିଗଲା।

ପୋଲିସ ବାଲା କହୁଥିଲେ 'ତୁ ଏତେ କଷ୍ଟ କାହିଁକି କରୁଥିଲୁ ଯେ..ସେ କାମଟା ଆମ ଉପରେ ଛାଡ଼ିଦେଇଥିଲେ ହେଇନଥାନ୍ତା ?'

ରେବ ଦେଇ ଜୋରିମାନା ଦେଲା।

ସେ ଲୋକଟିର ମେଡିକାଲରେ ଯାହା ଖର୍ଚ୍ଚ ସବୁ ବହନ କରିବାକୁ ଥାନାଅଧିକାରୀ ନିର୍ଦ୍ଦେଶ ଦେଲେ। ହିସାବ କିତାବ ପରେ ଆହୁରି କିଛି ବଳକା ଟଙ୍କା ସେ ଲୋକଟି ପାଖରୁ ସେ 'ରେବ ଦେଇ' ପାଇଲା।

'ରେବ ଦେଇ'ର ନିରୀହ ଚେହେରା ଭିତରେ ଏଇ କେତେଦିନ ହେଲା ଏମିତି ଏକ ପ୍ରତିଶୋଧର ନିଆଁ ଜଳୁଥିଲା ବୋଲି ଗାଁ ଲୋକେ ବିଶ୍ୱାସ କରିପାରୁନଥିଲେ।

+ ସବଙ୍ଗ, ମାର୍କୋଣା, ବାଲେଶ୍ୱର
ମୋ: ୯୭୩୯୫୯୧୮୧୬

# ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କୁ ଉଚିତ୍ ସମ୍ମାନ ମିଳୁ

ଭୁବନେଶ୍ୱର,୨୩/୧ (ନି.ପ୍ର): ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କୁ ଉଚିତ୍ ସମ୍ମାନ ଦେବାକୁ ଭାରତୀୟ ଗଣତାନ୍ତ୍ରୀକ ମାନବ ଅଧିକାର ସୁରକ୍ଷା ସଂଘଠନ (ପିଡିଏଚ୍‌ଆର୍‌ଆଇ) ଦାବି କରିଛି। ଏନେଇ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ଟ୍ୟୁଟ୍ କରାଯାଇଛି। ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଦେଶର ସ୍ୱାଧୀନତା ପାଇଁ ଜୀବନବ୍ୟାପି ସଂଗ୍ରାମ କରିଥିଲେ। ତାଙ୍କୁ ଯେତେ ସମ୍ମାନ ଦେଲେ ବି କମ୍ ହେବ। ତାଙ୍କ ସମ୍ମାନାର୍ଥେ ଆମ ଦେଶରେ ନୋଟ୍‌ରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଚିତ୍ର ରହୁ। ଏଥି ସହ ନେତାଜୀଙ୍କ ଜୟନ୍ତୀ ଜାନୁଆରୀ ୨୩କୁ ଜାତୀୟ ଛୁଟି ଘୋଷଣା ହେବା, ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମରେ ସାମିଲ କରିବା, ନେତାଜୀଙ୍କ ପାଇଁ ଟ୍ରେନ୍‌ରେ ୪ଟି ବଗିକୁ ଭ୍ରାମ୍ୟମାଣ ମ୍ୟୁଜିୟମ କରିବା, କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ସଂଗ୍ରାହଳୟର ବାହାର ପାର୍ଶ୍ୱକୁ ସୌନ୍ଦର୍ଯ୍ୟ କରିବା, ଭୁବନେଶ୍ୱର ଉପ ଜିଲ୍ଲାପାଳଙ୍କ ପୁରାତନ କାର୍ଯ୍ୟାଳୟଠାରେ ଥିବା ନେତାଜୀଙ୍କ ପର୍ତିମୂର୍ତିକୁ ଏକ ଭଲ ସ୍ଥାନରେ ରଖିବା ପାଇଁ ଦାବି କରିଛନ୍ତି ସଂଗଠନର କେନ୍ଦ୍ରୀୟ ସଚିବ ଲିଙ୍ଗରାଜ ସାହୁ, ରାଜ୍ୟ ସମ୍ପାଦକ ସଂଗ୍ରୀତା ପଟ୍ଟନାୟକ, ଐର ଖାରବେଳ, ସବ୍ୟସାଚି ସୁତାର, ରାକେଶ ରାଉତରାୟ, ସରୋଜ ସାହୁ, ପ୍ରତୀକ ଆନନ୍ଦ ଗଦାଧର ଦାସ ପ୍ରମୁଖ।

# ବିଶ୍ୱ ଖାଦ୍ୟ ସୁରକ୍ଷା ଯୋଜନା ସଂସ୍ଥା ସହ ଆଲୋଚନା: ପ୍ରସ୍ତୁତ ହେବ ଖାଦ୍ୟ ସୁରକ୍ଷା ରଣନୀତି ଖସଡ଼ା

ଭୁବନେଶ୍ୱର ,୨୩/୧ (ନି.ପ୍ର): ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜଭୁତ କରିବା ପାଇଁ ନୂଆ ଖାଦ୍ୟ ସୁରକ୍ଷା ରଣନୀତି ପ୍ରସ୍ତୁତ କରିବାକୁ ଯାଉଛନ୍ତି ରାଜ୍ୟ ସରକାର। ସରକାରଙ୍କ ସହଭାଗିତାରେ ବିଶ୍ୱ ଖାଦ୍ୟ ଯୋଜନା ସଂସ୍ଥା(ଡବ୍ଲ୍ୟୁଏଫ୍‌ପି) ୨୦୨୩-୨୭ ରଣନୀତି ଖସଡ଼ା ପ୍ରସ୍ତୁତ କରିବ। ଏଥିପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିସନର ପ୍ରଦୀପ ଜେନାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ବିଶ୍ୱ ଖାଦ୍ୟ ସୁରକ୍ଷା ଯୋଜନା ସଂସ୍ଥା ଓ ବିଭିନ୍ନ ଅଂଶୀଦାରମାନଙ୍କ ସହ ଆଜି ଡିଜିଟାଲ୍ ମୋଡ୍‌ରେ ପରାମର୍ଶମୂଳକ ଆଲୋଚନା କରିଛନ୍ତି।ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ଦାରିଦ୍ର୍ୟ କମାଇବା, ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଯେଭଳି ହେରଫେର ହେବ ନାହିଁ, ପ୍ରତିଟି ସହାୟତା ଯେଭଳି ପ୍ରକୃତ ହିତାଧିକାରୀ ପାଖରେ ପହଞ୍ଚିବ ସେଥିପାଇଁ ଏଥିରେ ବାୟୋମେଟ୍ରିକ୍ ବ୍ୟବସ୍ଥା ହୋଇଛି। ବିଗତ ଦିନରେ ଡବ୍ଲ୍ୟୁଏଫ୍‌ପି ସହଭାଗିତାରେ ଅନେକ ସଫଳତା ମିଳିଛି। ଆସନ୍ତା ୫ ବର୍ଷ (୨୦୨୩-୨୦୨୭)ପାଇଁ ପ୍ରସ୍ତୁତ ହେବାକୁ ଥିବା ନୂଆ ରଣନୀତିରେ ଅଧିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ହେବା ସହ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଆହୁରି ଦୃଢ଼ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଉନ୍ନୟନ କମିସନର ପ୍ରଦୀପ ଜେନା କହିଥିଲେ, ଆସନ୍ତା ୫ ବର୍ଷ ମଧ୍ୟରେ ନିରନ୍ତର ବିକାଶ ଲକ୍ଷ୍ୟ-୨(କ୍ଷୁଧା ଶୂନ୍ୟତା)ହାସଲ କରିବାକୁ ଯୋଜନା କରାଯାଇଛି। ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ଆଦିମ ଅଧିବାସୀମାନଙ୍କର କୃଷି ଉତ୍ପାଦନ ଓ ଖାଦ୍ୟ ଆବଶ୍ୟକତା ମାଳଭୂମି ଅଞ୍ଚଳ ଅଧିବାସୀଙ୍କଠାରୁ ଭିନ୍ନ। ଏଣୁ ରଣନୀତିରେ ଅଂଚଳ ଓ ସମୁଦାୟଭିତ୍ତିକ ପଦ୍ଧତି ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଜଳସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ସୂଚନା ଓ ଲୋକ ସଂପର୍କ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ମିସନ ଶକ୍ତି ଶାସନ ସଚିବ ସୁଜାତା କାର୍ତ୍ତିକେୟନ୍, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ମୁଥୁ କୁମାର, ମତ୍ସ୍ୟ ଓ ପଶୁସଂପଦ ବିକାଶ ଶାସନ ସଚିବ ଆର୍. ରଘୁ. ପ୍ରସାଦ ପ୍ରମୁଖ ଏ ବାବଦରେ ଅନେକ ପରାମର୍ଶ ଦେଇଥିଲେ।

## ଗଣତନ୍ତ୍ର ଦିବସ ପୂର୍ବରୁ ଗାନ୍ଧୀମାର୍ଗରେ ପ୍ୟାରେଡ୍ ଅଭ୍ୟାସ

ଭୁବନେଶ୍ୱର,୨୩/୧ (ନି.ପ୍ର): କୋଭିଡ କଟକଣା ଭିତରେ ଏଥର ପାଳିତ ହେବ ଗଣତନ୍ତ୍ର ଦିବସ। ଏହାର ଅବ୍ୟବହିତ ପୂର୍ବରୁ ଶନିବାର ଦିନ ଗାନ୍ଧୀ ମାର୍ଗରେ ପ୍ୟାରେଡ୍ ରିହର୍ସାଲ୍ କରାଯାଇଛି। ପ୍ୟାରେଡ୍ କମାଣ୍ଡର ରୋହିତ ବର୍ମା କହିଛନ୍ତି ଯେ ରାଜ୍ୟ ସ୍ତରୀୟ ଗଣତନ୍ତ୍ର ଦିବସ ପ୍ୟାରେଡ, ୨୦୨୨ ଅଭ୍ୟାସ ମହାତ୍ମା ଗାନ୍ଧୀ ମାର୍ଗରେ ପିଏମଜି କ୍ରସିଂ ଠାରୁ ମାଷ୍ଟର କ୍ୟାଂଟିନ କ୍ରସିଂ ପର୍ଯ୍ୟନ୍ତ ଚାଲିଥିଲା। ଯେଉଁଥିରେ ୧୧ ଟି ଦଳ ଭାଗ ନେଇଥିଲେ। ଜାନୁଆରୀ ୨୬ ସକାଳୁ ପତାକା ଉତୋଳନ କରାଯିବ। ଏଥର କଲେଜ ଛାତ୍ର ଛାତ୍ରୀ ଓ ସିଭିଲିଆନ ଟ୍ରୁପ କୁ ପ୍ୟାରେଡ୍ ରେ ଅନୁମତି ନାହିଁ। ସର୍ବସାଧାରଣ ଙ୍କୁ ପ୍ୟାରେଡ ଦେଖିବାକୁ ଅନୁମତି ନାହିଁ। ରାଜ୍ୟପାଳ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପତାକା ଉତୋଳନ କରିବା ସହ ପ୍ୟାରେଡ୍ ରେ ଅଭିବାଦନ ଗ୍ରହଣ କରିବେ। ସମ୍ମାନିତ ଅତିଥି ଭାବରେ ମୁଖ୍ୟମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ଟ୍ରାଫିକ କଟକଣା ଜାରି କରାଯାଇଛି। ପ୍ୟାରେଡ ରିହଲସାଲ ସମୟରେ ଓ ଜାନୁଆରୀ ୨୬ର ପ୍ୟାରେଡ ସମୟରେ ଗାନ୍ଧୀ ମାର୍ଗକୁ ସିଲ କରାଯିବ।

# ଜାତିସଂଘର ବିଶ୍ୱ ଖାଦ୍ୟ ସୁରକ୍ଷା ରଣନୀତି-ଯୋଜନା ପାଇଁ ଆଲୋଚନା ଚକ୍ର

ଭୁବନେଶ୍ୱର,୨୩/୧ (ନି.ପ୍ର): ଜାତିସଙ୍ଘର ବିଶ୍ୱ ଖାଦ୍ୟ ସୁରକ୍ଷା ନିମନ୍ତେ(ଡବ୍ଲ୍ୟୁ.ଏଫ୍.ପି.) ୨୦୨୩-୨୭ ରଣନିତୀ-ଯୋଜନା ପ୍ରସ୍ତୁତି ପାଇଁ ବିଭିନ୍ନ ଅଂଶୀଦାରମାନଙ୍କର ପରାମର୍ଶମୂଳକ ଆଲୋଚନାଚକ୍ର ଡିଜିଟାଲ୍ ମୋଡ୍ ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ, ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ, କର୍ପୋରେଟ୍ ସଂସ୍ଥା ଓ ବିଶ୍ୱବିଦ୍ୟାଳୟ ଆଦିରୁ ପ୍ରାୟ ୮୦ ଜଣ ପ୍ରତିନିଧି ଯୋଗଦେଇ ଖାଦ୍ୟ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।
ଆଲୋଚନା ଆରମ୍ଭକରି ବିଶ୍ୱ ଖାଦ୍ୟ ସୁରକ୍ଷା ଯୋଜନାର ଜାତୀୟ ନିର୍ଦ୍ଦେଶକ ବିଶୋ ପାରାଜୁଲି କହିଥିଲେ ଯେ '' ଆମେ ଓଡ଼ିଶା ସହ କାର୍ଯ୍ୟକରିବାରେ ଆନନ୍ଦ ଅନୁଭବ କରୁଛୁ, କାରଣ ଓଡ଼ିଶା ସରକାର ସମସ୍ତଙ୍କ ପାଇଁ ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବା ନିମନ୍ତେ ଅନେକ ପଦକ୍ଷେପ ନେଇଛନ୍ତି । ଏଥିପାଇଁ ଓଡ଼ିଶାରେ ଅନେକ ଅଭିନବ କୌଶଳର ପ୍ରୟୋଗ କରାଯାଇଛି । ସାଧାରଣ ଯୋଗାଣ ବ୍ୟବସ୍ଥାରେ ବାଇଓମେଟ୍ରିକ୍ କୌଶଳ ପ୍ରୟୋଗ, ମଧ୍ୟାହ୍ନ ଭୋଜନ ଏବଂ ଅଙ୍ଗନାବାଡ଼ିରେ ଅଧିକ ପୁଷ୍ଟିଯୁକ୍ତ ଖାଦ୍ୟ ଯୋଗାଣ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ଗର୍ଭବତୀ ମହିଳାମାନଙ୍କ ପାଇଁ ପୁଷ୍ଟିଯୁକ୍ତ ଛତୁଆ ପ୍ରସ୍ତୁତି ଆଦି ଏହି ଅଭିନବ କୌଶଳର କେତେକ ଉଦାହରଣ'' ।ଆଲୋଚନା ଚକ୍ରକୁ ସଂବୋଧନ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ଦାରିଦ୍ର୍ୟ କମାଇବା, ଖାଦ୍ୟ ସୁରକ୍ଷା ବଢ଼ାଇବା ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକରୁ ଅଧିକ ଦୃଢ଼ିଭୁତ କରିବା ନିମନ୍ତେ ରାଜ୍ୟ ସରକାର ଦୃଢ଼ ପରିକର। ବିଗତ ବର୍ଷମାନଙ୍କରେ ବିଶ୍ୱ ଖାଦ୍ୟ ଯୋଜନା ସଂସ୍ଥାସହ ସହଭାଗିତା ଅନେକ ଫଳଦାୟୀ ହୋଇଛି । ଆଗାମୀ ବର୍ଷମାନଙ୍କରେ ଖାଦ୍ୟସୁରକ୍ଷାର ପହଂଚାଣକୁ ସାର୍ବଜନୀନ କରିବା ନିମନ୍ତେ ଅଧିକରୁ ଅଧିକ ବୈଷୟିକ କୌଶଳ ପ୍ରୟୋଗ କରିବା ପାଇଁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ । ୨୦୨୩-୨୭ ରଣନୀତିକୁ ନିରନ୍ତର ବିକାଶ ଲକ୍ଷ୍ୟ ଅଭିମୁଖୀ ଏବଂ ଅଧିକ ଫଳାଫଳ ଭିତିକ କରିବା ପାଇଁ ସେ କହିଥିଲେ । ଏହି ରଣନୀତିକୁ ଓଡ଼ିଶା ସରକାର ବିଶ୍ୱ ଖାଦ୍ୟ ଯୋଜନା ସଂସ୍ଥାସହ ମିଳିତ ଭାବେ କାର୍ଯ୍ୟକାରୀ କରିବେ ବୋଲି ମୁଖ୍ୟ ଶାସନ ସଚିବ ନିର୍ଭର ପ୍ରତିଶୃତି ଦେଇଥିଲେ ।
ଉନ୍ନୟନ କମିଶନ ପ୍ରଦୀପ କୁମାର ଜେନା ରଣନୀତିରେ ଅଂଚଳ ଏବଂ ସମୁଦାୟ ଭିତିକ ପଦ୍ଧତି ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ସରକାରୀ ଏବଂ ବେସରକାରୀ ସହଭାଗିତା ଭିତିରେ ନିରନ୍ତର ବିକାଶ ଲକ୍ଷ-୨(କ୍ଷୁଧା ଶୂନ୍ୟତା) କୁ ତ୍ୱରାନ୍ୱିତ ଗତିରେ ହାସଲ କରିବାକୁ ଶ୍ରୀ ଜେନା ପରାମର୍ଶ ଦେଇଥିଲେ। ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁଗର୍ଗ, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ମୋନା ଶର୍ମା, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ସୂଚନା ଓ ଲୋକ ସଂପର୍କ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ମିଶନ ଶକ୍ତି ଶାସନ ସଚିବ ଶ୍ରୀମତି ସୁଜାତା କାର୍ତିକେୟାନ୍, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡଃ ମୁଥୁ କୁମାର, ମତ୍ସ୍ୟ ଓ ପଶୁସଂପଦ ବିକାଶ ଶାସନ ସଚିବ ଆରରଘୁ.ପ୍ରସାଦ ପ୍ରମୁଖ ଓଡ଼ିଶା ସରକାରଙ୍କ ତରଫରୁ ବିଭିନ୍ନ ପରାମର୍ଶମାନ ରଖିଥିଲେ । ସେହିପରି ଡବ୍ଲ୍ୟୁ.ଏଫ୍.ପି. ର ଜାତୀୟ ଉପନିର୍ଦ୍ଦେଶକ ଏରିକ୍ କେନେଫିକ୍ ଏବଂ ଓଡ଼ିଶା ରାଜ୍ୟ ଡବ୍ଲ୍ୟୁ.ଏଫ୍.ପି. ମୁଖ୍ୟ ହିମାଂଶୁ ବଳ ରଣନୀତିର ବିଭିନ୍ନ ବିଭାଗ ଉପରେ ଆଲୋକପାତ କରିଥିଲେ ।
ବେସରକାରୀ ସଂସ୍ଥାର ପ୍ରତିନିଧିଭାବେ ସି.ୱାଇ.ଏସ୍.ଡି.ର ପ୍ରତିଷ୍ଠାତା ଶ ଜଗଦାନନ୍ଦ, ସ୍ୱାଭିମାନ (ଭିନ୍ନକ୍ଷମ ସଂପଦ କେନ୍ଦ୍ର) ର ନିର୍ଦ୍ଦେଶକ ଡଃ ଶୃତି ମହାପାତ୍ର, ଟାଟା କଂପାନୀ ସାମାଜିକ ଦାୟିତ୍ୱ ସଂପନ୍ନତା ବିଭାଗ ମୁଖ୍ୟ ଡଃ ଅନୀଲ୍ କୁମାର ପ୍ରମୁଖ ଖାଦ୍ୟ ସୁରକ୍ଷା ଏବଂ ପ୍ରାକୃତିକ ବିପର୍ଯ୍ୟୟ ନିରୋଧି କୃଷି ଉତ୍ପାଦନ ପଦ୍ଧତି ଆଦି ବିଷୟରେ ନିଜ ନିଜର ମତ ରଖିଥିଲେ । ଡବ୍ଲ୍ୟୁ.ଏଫ୍.ପି.ର ଜାତୀୟ ନିର୍ଦ୍ଦେଶକ ଶ୍ରୀ ପୁରଜୁଲି କହିଥିଲେ ଯେ ଏହିସବୁ ପରାମର୍ଶକୁ ସାମିଲ୍ କରି ସରକାରଙ୍କ ସହଯୋଗିତାରେ ଖୁବ୍ ଶିଘ୍ର ଖାଦ୍ୟ ସୁରକ୍ଷା ରଣନୀତି ଖସଡ଼ା ୨୦୨୩-୨୭ ପ୍ରସ୍ତୁତ କରାଯିବ ।

## ପେଟ୍ରୋଲ ପମ୍ପରୁ କେନ୍ଦ୍ର ସରକାରଙ୍କ ହୋର୍ଡିଂ ହଟାଯାଉ : ବିଜେଡି

ଭୁବନେଶ୍ୱର,୨୩/୧ (ନି.ପ୍ର): ପଂଚାୟତ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ପେଟ୍ରୋଲ ପମ୍ପରେ କେନ୍ଦ୍ର ଶାସିତ ବିଜେପି ସରକାରଙ୍କ ହୋର୍ଡିଂ ଲାଗିଛି। ଯାହାକୁ ବର୍ତମାନ ସୁଦ୍ଧା ହଟାଯାଇନଥିବା ଅଭିଯୋଗ କରି ରାଜ୍ୟ ନିର୍ବାଚନ ଆୟୋଗଙ୍କ ପାଖରେ ଫେରାଦ ହୋଇଛି ବିଜେଡିର ପ୍ରତିନିଧି ଦଳ।
ରାଜ୍ୟର ବିଭିନ୍ନ ପେଟ୍ରୋଲ ପମ୍ପରେ ଲାଗିଥିବା କେନ୍ଦ୍ର ସରକାରଙ୍କ ଯୋଜନାର ହୋର୍ଡିଂ, ଏବେ ବି ଝୁଲୁଛି । ଯାହା ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଂଘନ କରୁଥିବା ଅଭିଯୋଗ କରିଛି ବିଜେଡି । ଏହାସହ ବିଜେଡି ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ପ୍ରମାଣ ସ୍ୱରୂପ କେନ୍ଦ୍ର ସରକାରଙ୍କ ହୋର୍ଡିଂର ଫଟୋ ପ୍ରଦାନ କରିଛନ୍ତି । ଏହା ଉପରେ ନଜର ଦେଇ ଶୀଘ୍ର ଏମିତି ହୋର୍ଡିଂ ହଟାଇବାକୁ ଦଳ ପକ୍ଷରୁ ଦାବି କରାଯାଇଛି ।

## ଶ୍ରୀମନ୍ଦିର ଖୋଲିବା ଦାବିରେ ବିକ୍ଷୋଭ

ପୁରୀ,୨୩/୧ (ନି.ପ୍ର): ସର୍ବସାଧାରଣ ଦର୍ଶନ ଲାଗି ଶ୍ରୀମନ୍ଦିର ଖୋଲିବା ଦାବିରେ ଆଜି ସିଂହଦ୍ୱାର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀ ମାନେ ତୁରନ୍ତ ଶ୍ରୀମନ୍ଦିର ଖୋଲିବା ଦାବି କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପଞ୍ଚାୟତରେ କରୋନା ନାହିଁ ଖାଲି ମନ୍ଦିର ଭିତରେ କରୋନା ଅଛି କି ବୋଲି ସେମାନେ ପ୍ରଶ୍ନ ଉଠାଇ ବିକ୍ଷୋଭକାରୀମାନେ ସରକାରଙ୍କ ଠାରୁ ଜବାବ ଦାବି କରିଥିଲେ। ତୁରନ୍ତ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବାକୁ ମଧ୍ୟ ସେମାନେ ଦାବି ଜଣାଇଥିଲେ। ଆନ୍ଦୋଳନର ନେତୃତ୍ୱ ନେଉଥିବା ଜଗନ୍ନାଥସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ କହିଥିଲେ ଯେ ଦେଶର ୫ଟି ରାଜ୍ୟରେ ନିର୍ବାଚନ ହେଉଛି। ବିଶେଷ କରି ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ କରାଯାଉଛି। ପଞ୍ଚାୟତରେ କରୋନା ନାହିଁ ଅଥଚ ମନ୍ଦିର ଭିତରେ କରୋନା କିପରି ବୋଲି ସେ ପ୍ରଶ୍ନ କରିବା ସହିତ ତୁରନ୍ତ ଶ୍ରୀମନ୍ଦିର ଖୋଲିବାକୁ ସେ ଦାବି କରିଥିଲେ।

# ବହୁ ସ୍ଥାନରେ ୱାର୍ଡମେମ୍ବର ଅପ୍ରତିଦ୍ୱନ୍ଦ୍ୱୀ: ଗଞ୍ଜାମରେ ସବୁଠୁ ଅଧିକ ପ୍ରାର୍ଥୀ

ଭୁବନେଶ୍ୱର : ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ସରିବା ପରେ ଶନିବାର ଯାଞ୍ଚ ହୋଇଛି। ଆଜି ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ। ଏହାସହ ୨୩ରୁ ୨୫ତାରିଖ ମଧ୍ୟରେ ନାମାଙ୍କନ ପତ୍ର ପ୍ରତ୍ୟାହାର କରିହେବ। ୨୫ତାରିଖ ଅପରାହ୍ନ ୩ଟା ପରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଏହାପରେ ଜଣାପଡ଼ିବ ନିର୍ବାଚନ ମଇଦାନକୁ କେତେ ପ୍ରାର୍ଥୀ ଓହ୍ଲାଇଲେ। ଏହିଠାରୁ ହିଁ ପ୍ରଚାର ଜୋର ଧରିବ। ହେଲେ ନିର୍ବାଚନ କମିସନଙ୍କ ତଥ୍ୟକୁ ସମୀକ୍ଷା କଲେ ଜଣାପଡୁଛି ବହୁ ସ୍ଥାନରେ ୱାର୍ଡ ମେୟର ପ୍ରାର୍ଥୀମାନେ ଅପ୍ରତିଦ୍ୱନ୍ଦ୍ୱୀ ଅଛନ୍ତି।
ରାଜ୍ୟରେ ୯୧୮୯୦ଟି ୱାର୍ଡ ପାଇଁ ୧,୬୨,୨୯୭ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମୋଟ୍ ୱାର୍ଡ ସଂଖ୍ୟାକୁ ଦେଖିଲେ ଯଦି ପ୍ରତି ୱାର୍ଡରେ ଦୁଇ ଜଣ ପ୍ରାର୍ଥୀ ରହିଥାନ୍ତେ ତେବେ ୧,୮୩,୭୮୦ ଜଣ ନାମାଙ୍କନ ପତ୍ର ଦାଖଲ କରିଥାନ୍ତେ। ହେଲେ ଏହାଠାରୁ ୨୧,୪୮୩ଜଣ କମ୍ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ବହୁ ସ୍ଥାନରେ ୱାର୍ଡମେମ୍ବର ପ୍ରାର୍ଥୀ ନିର୍ବାଚନ ପୂର୍ବରୁ ବିଜୟୀ ହେବେ। ଏଥର ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୧୨୨୭୯ଜଣ ୱାର୍ଡମେମ୍ବର ହେବା ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଚଳିତ ଥର ୬୭୯୩ଟି ସରପଞ୍ଚ ପଦବି ପାଇଁ ମୋଟ୍ ୩୪,୬୧୩ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ମୟୂରଭଞ୍ଜରେ ସର୍ବାଧିକ ୨୫୦୦ଜଣ ଅଛନ୍ତି। ୬୭୯୩ଟି



ସମିତି ସଭ୍ୟ ପାଇଁ ୨୮୧୫୩ ଜଣ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ମୟୂରଭଞ୍ଜରେ ସର୍ବାଧିକ ୨୧୨୬ଜଣ ପ୍ରାର୍ଥୀ ଅଛନ୍ତି। କିନ୍ତୁ ଜିଲ୍ଲା ପରିଷଦ ପାଇଁ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୨୮୬ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଆବେଦନ ହୋଇଥିବା ପ୍ରାର୍ଥିପତ୍ର ସଂଖ୍ୟା ଦୃଷ୍ଟିରୁ ଗଞ୍ଜାମ ଜିଲ୍ଲା ସବୁଠୁ ଆଗରେ ଅଛି। ଏଠାରେ ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ପାଇଁ ମୋଟ୍ ୧୫,୯୪୯ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ୨୫ତାରିଖ ଦିନ ଜଣାପଡ଼ିବ କେଉଁଠି କେତେ ପ୍ରାର୍ଥୀଙ୍କ ମଧ୍ୟରେ ଚୂଡ଼ାନ୍ତ ଲଢ଼େଇ ହେବ।

## ରାଜ୍ୟରେ କରୋନାଜନିତ ଗୁରୁତର ରୋଗୀଙ୍କ ସଂଖ୍ୟା କମ୍ ରହିଛି : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୩/୧ (ନି.ପ୍ର): ରାଜ୍ୟରେ ଗତ ୧୨ ତାରିଖଠାରୁ ସଂକ୍ରମଣ ଧୀରେ ଧୀରେ କମିବା ଆରମ୍ଭ କରିଛି। ହେଲେ ଟେଷ୍ଟିଙ୍ଗ କମି ନାହିଁ, ଯାହାକି ୭୦ ହଜାର ଉପରେ ରହିଛି। ତେଣୁ ଆମକୁ ପିକ ଛୁଇଁଛି ନା ନାହିଁ ଏଥିପାଇଁ ପାଇଁ ଆଉ ୨ରୁ ୪ ଦିନ ଅପେକ୍ଷା କରିବାକୁ ପଡ଼ିବ। ଏଭଳି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ସେ ଆହୁରି ମଧ କହିଛନ୍ତି, ଦ୍ୱିତୀୟ ଲହରରେ ଅନେକ ବିଶେଷଜ୍ଞ ଆକଳନ କରିଥିଲେ ଜୁଲାଇ ମାସରେ କମିବ। କିନ୍ତୁ ଏହାକୁ କମିବାକୁ ଅକ୍ଟୋବର ମାସ ଯାଏଁ ଲାଗିଥିଲା। ଆସନ୍ତା କିଛି ଦିନ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେବେ ଆମେ ଦେଶ ଅପେକ୍ଷା ଭଲ ସ୍ଥିତିରେ ଅଛନ୍ତି। ପଜିଟିଭିଟି ଅପେକ୍ଷା ଆମର ଗୁରୁତର ରୋଗୀଙ୍କ ସଂଖ୍ୟା ମଧ କମ ରହିଛି। ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟା ମଧରେ ରାଜ୍ୟରେ ୮,୫୨୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪୯୪୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୩୫୭୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୯୩୭ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଗତକାଲି ୮,୮୪୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଜାନୁଆରି ୨୧ ତାରିଖରେ ୯,୮୩୩, ଜାନୁଆରି ୨୦ ତାରିଖରେ ୧୦,୩୬୮ଜଣ, ଜାନୁଆରି ୧୯ ତାରିଖରେ ୧୧,୬୦୭ ଜଣ, ଜାନୁଆରି ୧୮ରେ ୧୧,୦୮୬, ଜାନୁଆରି ୧୭ରେ ୧୦,୪୮୯, ୧୬ ତାରିଖରେ ୧୧,୧୭୭, ୧୫ ତାରିଖରେ ୧୦,୮୫୬, ଜାନୁଆରି ୧୪ରେ ୧୦,୨୭୩ , ଜାନୁଆରି ୧୩ରେ ୧୦,୦୫୯ ଜଣ, ଜାନୁଆରି ୧୨ରେ ୮୭୭୮ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

## ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୬ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ



ଭୁବନେଶ୍ୱର: ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୬ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବାର ସୂଚନା ମିଳିଛି। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।
ସେହିପରି କରୋନାରେ ପ୍ରାଣ ହରାଇଥିବା ଆଉ ୭ ଜଣ ଲୋକଙ୍କ ସଂପର୍କରେ ସୂଚନା ଦେଇଛନ୍ତି ସରକାର। ଏହା ସହିତ ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୮୫୨୦କୁ ବୃଦ୍ଧି ପାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଏହି ୬ ମୃତକଙ୍କ ମଧ୍ୟରେ ଅନୁଗୁଳ, ସୁନ୍ଦରଗଡ଼, ବାଲେଶ୍ୱର, କନ୍ଧମାଳ, କଟକ ଓ ଭଦ୍ରକ ଜିଲ୍ଲାରୁ ଜଣେ ଲେଖାଏଁ ମୃତକ ରହିଛନ୍ତି। ଏମାନଙ୍କ ଭିତରେ ୩ ଜଣ ମହିଳା ଥିବା ଜଣାଯାଇଛି। ଅନୁଗୁଳ ଜିଲ୍ଲାର ଜଣେ ୬୦ ବର୍ଷୀୟା ମହିଳା ଅଛନ୍ତି। ବାଲେଶ୍ୱରର ଜଣେ ୬୩ ବର୍ଷୀୟା ମହିଳା ପ୍ରାଣ ହରାଇଥିବା ବେଳେ କନ୍ଧମାଳର ୩୨ବର୍ଷିୟ ପୁରୁଷ, କଟକର ଜଣେ ୮୫ ବର୍ଷୀୟା ମହିଳା, ଭଦ୍ରକର ଜଣେ ୩୦ ବର୍ଷିୟ ପୁରୁଷ ଓ ସୁନ୍ଦରଗଡ଼ ଜିଲ୍ଲାର ଜଣେ ୬୫ ବର୍ଷିୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

# ରାଜ୍ୟରେ ୮,୫୨୦ କରୋନା ପଜିଟିଭ ଚିହ୍ନଟ: ୧୮ ବର୍ଷରୁ କମ୍ ବର୍ଗର ୯୩୭ ଜଣ ସଂକ୍ରମିତ

ଭୁବନେଶ୍ୱର,୨୩/୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୮,୫୨୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪୯୪୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୩୫୭୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୯୩୭ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୨୬୨ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୧୪୨ ଜଣ, ବାଲେଶ୍ୱରରୁ ୩୪୬ ଜଣ, ବରଗଡ଼ରୁ ୧୪୧ ଜଣ, ଭଦ୍ରକରୁ ୧୧୨ ଜଣ, ବଲାଙ୍ଗୀରରୁ ୨୧୭ ଜଣ, ବୌଦ୍ଧ ଜିଲ୍ଲାରୁ ୮୬, କଟକରୁ ୭୮୯ ଜଣ, ଦେବଗଡ଼ରୁ ୭୫ ଜଣ, ଢେଙ୍କାନାଳରୁ ୯୦ ଜଣ, ଗଜପତିରୁ ୯୮, ଗଞ୍ଜାମରୁ ୮୮ ଜଣ, ଜଗତସିଂହପୁରରୁ ୧୬୫ ଜଣ, ଯାଜପୁରରୁ ୨୫୩ ଜଣ, ଝାରସୁଗୁଡ଼ାରୁ ୧୧୮ ଜଣ, କଳାହାଣ୍ଡିରୁ ୨୨୬ ଜଣ, କନ୍ଧମାଳରୁ ୧୦୦ ଜଣ, କେନ୍ଦ୍ରାପଡ଼ାରୁ ୧୩୪ ଜଣ, କେଉଁଝରରୁ ୧୨୬ ଜଣ, ଖୋର୍ଦ୍ଧାରୁ ୨୨୬୨ ଜଣ, କୋରାପୁଟରୁ ୧୫୭ ଜଣ, ମାଲକାନଗିରିରୁ ୫୮ ଜଣ, ମୟୁରଭଞ୍ଜରୁ ୧୮୦ ଜଣ, ନବରଙ୍ଗପୁରରୁ ୧୯୨, ନୟାଗଡ଼ରୁ ୨୧୬ଜଣ, ନୂଆପଡ଼ାରୁ ୧୯୭ ଜଣ, ପୁରୀରୁ ୧୪୯ ଜଣ, ରାୟଗଡ଼ାରୁ ୧୮୭ ଜଣ, ସମ୍ବଲପୁରରୁ ୧୨୭ ଜଣ, ସୋନପୁରରୁ ୮୯, ସୁନ୍ଦରଗଡ଼ରୁ ୯୩୨ ଜଣ ଓ ଷ୍ଟେଟ ପୁଲରୁ ୪୬୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨,୯୬,୧୪୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୧,୧୦, ୭୬୭ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୮୫, ୩୨୦ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି। ସୂଚନାଯୋଗ୍ୟ, ଗତକାଲି ୮,୮୪୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଜାନୁଆରି ୨୧ ତାରିଖରେ ୯,୮୩୩, ଜାନୁଆରି ୨୦ ତାରିଖରେ ୧୦,୩୬୮ଜଣ, ଜାନୁଆରି ୧୯ ତାରିଖରେ ୧୧,୬୦୭ ଜଣ, ଜାନୁଆରି ୧୮ରେ ୧୧,୦୮୬, ଜାନୁଆରି ୧୭ରେ ୧୦,୪୮୯, ୧୬ ତାରିଖରେ ୧୧,୧୭୭, ୧୫ ତାରିଖରେ ୧୦,୮୫୬, ଜାନୁଆରି ୧୪ରେ ୧୦,୨୭୩ , ଜାନୁଆରି ୧୩ରେ ୧୦,୦୫୯ ଜଣ, ଜାନୁଆରି ୧୨ରେ ୮୭୭୮, ୧୧ରେ ୭୦୭୧, ୧୦ରେ ୪୮୨୯, ଜାନୁଆରି ୯ ତାରିଖରେ ୪୭୧୪ ଜଣ , ଜାନୁଆରି ୮ ତାରିଖରେ ୩୬୭୯ ଜଣ , ଜାନୁଆରି ୭ ତାରିଖରେ ୨୭୦୩ ଜଣ, ଜାନୁଆରି ୬ ତାରିଖରେ ୧୮୯୭ ଜଣ , ଜାନୁଆରି ୫ ରେ ୧୨୧୬, ଜାନୁଆରି ୪ ରେ ୬୮୦, ଜାନୁଆରି ୩ ରେ ୪୨୪, ଜାନୁଆରି ୨ରେ ୪୨୪, ଜାନୁଆରି ୧ରେ ୨୯୮, ଡିସେମ୍ବର ୩୧ରେ ୨୨୮, ଡିସେମ୍ବର ୩୦ରେ ୨୨୫, ଡିସେମ୍ବର ୨୯ରେ ୨୨୧ ଓ ଡିସେମ୍ବର ୨୮ରେ ୧୫୬ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ।

# ରାଜ୍ୟରେ ଶୀର୍ଷ ଛୁଇଁଛି ସଂକ୍ରମଣ :୩ଦିନ ହେଲା ଖସୁଛି ଆକ୍ରାନ୍ତଙ୍କ ସଂଖ୍ୟା

ଭୁବନେଶ୍ୱର ,୨୩/୧ (ନି.ପ୍ର): ରାଜ୍ୟରେ ଗତ ୩ଦିନ ହେବ କରୋନା ସଂକ୍ରମଣ ଖସି ଚାଲିଛି। ଏପରିକି ଦୈନିକ ସଂକ୍ରମଣ ୮ହଜାରକୁ ଖସି ଆସିଛି। ସେହି ଅନୁଯାୟୀ ସଂକ୍ରମଣ ହାର ମଧ କମିଛି। ଚଳିତମାସ ୧୮ତାରିଖରେ ରାଜ୍ୟରେ ସର୍ବାଧିକ ୧୧,୬୦୭ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ତେଣୁ ଓଡ଼ିଶାର କରୋନାର ତୃତୀୟ ଲହରର ଶୀର୍ଷ ସଂକ୍ରମଣ ପହଞ୍ଚି ସାରିଥିବା ବିଶେଷଜ୍ଞମାନେ ଦାବି କରିଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏ ପର୍ଯ୍ୟନ୍ତ ଏଭଳି ନିଷ୍କର୍ଷରେ ପହଞ୍ଚିବା ନେଇ କୌଣସି ମତ ରଖି ନାହାନ୍ତି। ଦୁଇଦିନ ତଳେ ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ରାଜ୍ୟର ସଂକ୍ରମଣ ଟ୍ରେଣ୍ଡର ଅନୁଧ୍ୟାନ ପାଇଁ ଆହୁରି ୪/୫ଦିନ ଲାଗିବ ବୋଲି କହିଥିଲେ। ଗତ ୨୪ଘଣ୍ଟାରେ ରାଜ୍ୟରେ ୮୮୪୫ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ହାର ରହିଛି ୧୩ ପ୍ରତିଶତ। ଖୋର୍ଧାରୁ ସର୍ବାଧିକ ୨୫୨୮ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ସୁନ୍ଦରଗଡ଼ରେ ୧୦୦୧ ଆକ୍ରାନ୍ତ ବାହାରିଛନ୍ତି। ଏହାବାଦ୍ କଟକ ୬୨୮, ବାଲେଶ୍ୱର ୨୯୦, କଳାହାଣ୍ଡି ୨୩୯, ରାୟଗଡ଼ା ୨୨୧, ବଲାଙ୍ଗୀର ୨୩୨, ଯାଜପୁର ୨୦୯ ଓ ଷ୍ଟେଟ୍ ପୁଲରୁ ୫୦୭ଜଣଙ୍କୁ ଚିହ୍ନଟ କରାଯାଇଛି। ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୧ଲକ୍ଷ ୯୬ଲକ୍ଷ ୧୪୦କୁ ବୃଦ୍ଧି ପାଇଛି। ବରିଷ୍ଠ ଚିକିତ୍ସକ ଡା.ନିରୋଜ ମିଶ୍ର କହିଛନ୍ତି, ରାଜ୍ୟରେ ୫/୬ଦିନ ପୂର୍ବରୁ ଶୀର୍ଷ ସଂକ୍ରମଣ ଅତିକ୍ରମ କଲାଭଳି ଲାଗୁଛି। ଆଗକୁ ଯଦି ସଂକ୍ରମଣ ବଢ଼େ ତାହାଲେ ଏଥିରେ ସାମାନ୍ୟ ବୃଦ୍ଧି ହୋଇପାରେ। ଆସନ୍ତା ସପ୍ତାହ ସୁଦ୍ଧା କେସ୍ ଲୋଡ ବହୁତ କମି ଆସିବ। ଫେବ୍ରୁଆରି ୧୫ସୁଦ୍ଧା ତୃତୀୟ ଲହର କମିବା ସହିତ ମାସ ଶେଷ ଆଡ଼କୁ ଏହା ଶେଷ ହୋଇ ଯାଇଥିବ। ୟୁକେରେ ଓମିକ୍ରନ୍ ବିଏ-୨କୁ ସ୍ଥାନୀୟ ସରକାର ଭାରିଏଣ୍ଟ ଅଫ୍ ଇଣ୍ଟରେଷ୍ଟ ବୋଲି ଘୋଷଣା କରିଛନ୍ତି। ଡେନମାର୍କରେ ଏହା ଦ୍ରୁତ ଗତିରେ ସଂକ୍ରମଣ ହେଉଛି। ଓମିକ୍ରନ୍‌ର ଏସବୁ ସବ୍-ଭାରିଏଣ୍ଟ ଭାରତରେ ମଧ ଦେଖା ଦେଇଛି। କୌଣସି ଲୋକକୁ ଯଦି ଓମିକ୍ରନ୍ ବିଏ-୧ ହୋଇଥାଏ ତାକୁ ବିଏ-୨ ମଧ ହୋଇପାରେ। କିଛି ବିଶେଷଜ୍ଞଙ୍କ ମତରେ ବିଏ-୨ଲାଗି ପୁଣିଥରେ ସଂକ୍ରମଣ ବଢ଼ିପାରେ। ଯେହେତୁ ଭାରତରେ ଏହା ଆଗରୁ ଅଛି ତେଣୁ ଦେଶରେ ସେଭଳି କୌଣସି ପ୍ରଭାବ ପଡ଼ି ନ ପାରେ। ଏଥିରେ ଆକ୍ରାନ୍ତ ଗୁରୁତର ହେଉ ନାହାନ୍ତି କି ମୃତ୍ୟୁ ମଧ ହେଉନାହିଁ ବୋଲି ଡା.ମିଶ୍ର କହିଛନ୍ତି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା.ନିରଞ୍ଜନ ମିଶ୍ର କହିଛନ୍ତି, ପୂର୍ବରୁ ସାର୍ସ-କୋଭ୍-୨ ବା କୋଭିଡ-୧୯ର ଇନକ୍ୟୁବେସନ୍ ସମୟ(ଶରୀରରେ ଯେତିକି ଦିନ ଭୂତାଣୁ ରହିଥାଏ) ୧୦ଦିନ ରହୁଥିଲା। ଅର୍ଥାତ୍ ୧୦ଦିନ ପର୍ଯ୍ୟନ୍ତ ଜଣେ ସଂକ୍ରମଣ ଅନ୍ୟକୁ ସଂକ୍ରମିତ କରିପାରୁଥିଲେ। ସମୟକ୍ରମେ ଭୂତାଣୁର ଇନକ୍ୟୁବେସନ ସମୟ ୫/୬ଦିନକୁ ଖସି ଆସିଛି। ତେଣୁ ଏବେ ଆକ୍ରାନ୍ତମାନେ ୭ଦିନ ଗୃହ ପୃଥକବାସରେ ରହିପାରିବେ। ଏହି ୭ଦିନ ଭିତରେ ଲଗାତାର ୩ଦିନ ଜ୍ୱର ନ ଆସିଲେ ଆଇସୋଲେସନ୍ ବା ପୃଥକବାସ ସମୟ ଶେଷ ହେବ।

## କେଶପୁରାରେ ରକ୍ତଦାନ ଶିବିର : ୩୧ ୟୁନିଟ୍ ସଂଗୃହୀତ

ଜଳେଶ୍ୱର, ୨୩/୧(ନିପ୍ର): ଆଜି ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ଅବସରରେ ଜଳେଶ୍ୱରରେ ପାଇକସିଦା ପଂଚାୟତର କେଶପୁରାସ୍ଥିତ ୟୁଥ୍ ସୋସିଆଲ ୱାର୍କର, କେଶପୁରା ଯୁବକ ସଂଘ ଓ ଜିଲା ରକ୍ତଦାତା ସଂଘ ମିଳିତ ଆନୁକୂଲ୍ୟରେ ହାଟପଡିଆଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଯୁବକ ସଂଘର ବିରେନ୍ଦ୍ର ରଣା ଓ ସୁଦିପ ରଣାଙ୍କ ତତ୍ୱାବଧାନରେ ଜିଲା ରକ୍ତ ବ୍ୟାଙ୍କର ଡାକ୍ତର ପ୍ରଶାନ୍ତ ଦାସ ଉଦ୍‌ଘାଟନ କରିଥିଲେ । ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସାଂଗଠନିକ ସଂପାଦକ ମନୋରଜନ ଦାସ, ଅଜୟ କୁମାର ଧଳ ଅତିଥିଭାବେ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ବିଶ୍ୱଜିତ୍ ସେଠୀ, ଅରବିନ୍ଦ ସାହୁ ପ୍ରମୁଖ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ ।

## ଯାଂଚ ପ୍ରକ୍ରିୟା ଶେଷ : ଜିଲ୍ଲାପରିଷଦ ୧୪, ସମିତିସଭ୍ୟ ୯୩, ସରପଂଚ ୯୬ ଓ ୱାର୍ଡମେମ୍ବର ୭୭୨ ଜଣଙ୍କର କାଏମ

ନୀଳଗିରି, ୨୩/୦୧ (ନି.ପ୍ର): ଚଳିତ ପଂଚାୟତ ନିର୍ବାଚନରେ ଆଜି ଯାଂଚ ପ୍ରକ୍ରିୟାର ଅନ୍ତିମ ଦିବସ ଥିବା ବେଳେ ନୀଳଗିରି ବ୍ଲକର ୨୫ଟି ପଂଚାୟତରେ ଜିଲ୍ଲାପରିଷଦ ପାଇଁ ୧୪ଜଣ , ସମିତିସଭ୍ୟ ପାଇଁ ୯୩ଜଣ , ସରପଂଚ ପାଇଁ ୯୬ଜଣ ଓ ୱାଡସଭ୍ୟ ପାଇଁ ୭୭୨ ଜଣଙ୍କର ନାମ କାଏମ ରହିଥିବା ବେଳେ ୩୨ଜଣ ୱାର୍ଡ ସଭ୍ୟ ନିର୍ଦ୍ଦନ୍ଦରେ ନିର୍ବାଚିତ ହୋଇଥିବାବେଳେ ୧୧ଜଣ ୱାର୍ଡ ସଭ୍ୟ ନମିନେସନ କରିନାହାନ୍ତି ବୋଲି ନୀଳଗିରି ବ୍ଲକର ଜି.ପି.ଓ. ମିନତୀ ମାରାଣ୍ଡି ସୂଚନା ଦେଇଛନ୍ତି। ସୋମବାର ଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ପ୍ରତ୍ୟାହାର ପ୍ରକ୍ରିୟା ରହିଛି ।

## ଖୋର୍ଦ୍ଧା ବ୍ଲକ ପଂଚାୟତ ନିର୍ବାଚନ

ଖୋର୍ଦ୍ଧା, ୨୩/୦୧ (ନି.ପ୍ର): ଖୋର୍ଦ୍ଧା ବ୍ଲକ୍ ଖଣି କ୍ରସର ଧନୀ ମାନୀ ବହୁ ବ୍ୟକ୍ତିବିଶେଷ ନିର୍ବାଚନରେ ଭାଗ ନେଇଛନ୍ତି। ଯେତେ ଜ୍ଞାନୀ ଗୁଣି ସଚ୍ଚୋଟ ହେଲେ ମଧ୍ୟ ଅର୍ଥ ନାହିଁ ତ ଠିଆ ହେବା ବୋକାମି । ଦଳ ମତ ନିର୍ବିଶେଷରେ କେହି ପଚାରିବେ ନାହିଁ । ଖୋର୍ଦ୍ଧା ବ୍ଲକରେ ବିଜେଡି ଓ ବିଜେପି ଲଢେଇ ଚାଲିବ। କଂଗେସ ଦଳ ଦୁର୍ବଳ ନେତୃତ୍ୱ। ସ୍ୱର୍ଗତ ଜାନକୀ ବାବୁ ପରେ ଦଳ ଆସ୍ତେ ଆସ୍ତେ ଦୁର୍ବଳ ହେଉଛି ଦେଖିବାକୁ ମିଳେ। ଖୋର୍ଦ୍ଧାରେ ଦୁଇ ବଜେଡି ବିଧାୟକ ସ୍ଥାନୀୟ ଖୋର୍ଦ୍ଧା ସହର ବାସିନ୍ଦା । ଜଣେ ହେଉଛନ୍ତି ବର୍ତ୍ତମାନ ଖୋର୍ଦ୍ଧା ବିଧାୟକ ଜିତୁ ମିତ୍ର ଓ ଆଉ ଜଣେ ବେଗୁନିଆ ବୋଲଗଡ ବିଧାୟକ ରାଜେନ୍ଦ୍ର ସାହୁ ।

# ଶିବସେନାର ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେଜୀଙ୍କ ୯୬ତମ ଜନ୍ମ ଦିବସ ପାଳନ




ବାଲେଶ୍ୱର,୨୩/୦୧ (ନି.ପ୍ର): ବାଲେଶ୍ୱର ଶିବସେନା ପକ୍ଷରୁ ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେଜୀଙ୍କ ୯୬ତମ ଜନ୍ମ ଦିବସ ପୁଆବଜାର ସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ପାଳିତ ହୋଇଯାଇଅଛି । କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତ୍ୟୁଷରୁ ଝାଡ଼େଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା, ଜଗନ୍ନାଥ ଗୋ ସେବା ସ୍ଥିତ (ଗୋଶାଳା)ରେ ଗୋମାତାଙ୍କର ପୂଜାର୍ଚ୍ଚନା କରାଯାଇଥିବା ସହ ବାଲା ସାହେବ ଜୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଶିବସେନା ଜିଲ୍ଲା ପ୍ରମୁଖ ପଦ୍ମଲୋଚନ ପତି ସଭାକାର୍ଯ୍ୟରେ ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଅଜୟ କୁମାର ବିଶ୍ୱାଳ, ମୁଖ୍ୟ ବକ୍ତାଭାବେ ଉତ୍ତର ଓଡ଼ିଶା ସଂପର୍କ ପ୍ରମୁଖ ଅକ୍ଷୟ କୁମାର ଦାସ, ଦେବବ୍ରତ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରି ବାଲାସାହେବ ଠାକ୍‌ରେଜୀଙ୍କ ରାଷ୍ଟ୍ରୀୟ ଭାବଧାରା, ହିନ୍ଦୁତ୍ୱ ବିଚାର ଧାରା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଭାରତବର୍ଷର ମେରୁଦଣ୍ଡ ହିନ୍ଦୁ ସମାଜକୁ ଭାଗ ଭାଗ କରି ଖଣ୍ଡ ବିଖଣ୍ଡିତ କରି ଶାସନ କରିବାର ବିଚାରଧାରା ପ୍ରତି ସତର୍କ ରହିବାକୁ ହିନ୍ଦୁ ସମାଜକୁ ଜିଲ୍ଲା ପ୍ରମୁଖ ନିବେଦନ ଜଣାଇଥିଲେ । ବାଲା ସାହେବଙ୍କ ଜୟନ୍ତୀରେ ଗୋ ସୁରକ୍ଷା କ୍ଷେତ୍ରରେ ସୁଶ୍ରୀ ଲୋଲିଶା ରାୟ, ଶିକ୍ଷା କ୍ଷେତ୍ରରେ ନଗେନ୍ଦ୍ର ନାଥ ଗିରି, ସମାଜସେବା କ୍ଷେତ୍ରରେ ଗୌରାଙ୍ଗ ଚରଣ ପାଣିଗ୍ରାହୀ, ଦେଶ ସୁରକ୍ଷା କ୍ଷେତ୍ରରେ ଅଶ୍ୱିନୀ କୁମାର ବଢନ, ପୁରାତନ ସଙ୍ଗରକଳା କ୍ଷେତ୍ରରେ ଶ୍ରୀନିବାସ ବେହେରା, କୃଷି କ୍ଷେତ୍ରରେ ଭବାନୀ ଶଙ୍କର ବେହେରା, ସନାତନ ଧର୍ମର ସୁରକ୍ଷା କ୍ଷେତ୍ରରେ ବାବାଜୀ ସତ୍ୟବ୍ରତ ଦାସ, ସାମାଜିକ ବନୀକରଣ କ୍ଷେତ୍ରରେ ଅବନୀ କୁମାର ଜେନା କଳା ଓ ସଙ୍ଗୀତ କ୍ଷେତ୍ରରେ ପଦ୍ମଲୋଚନ ମହାନ୍ତି, ଓଡ଼ିଆ ସାହିତ୍ୟ, କଳା ଓ ସଂସ୍କୃତି କ୍ଷେତ୍ରରେ ରମାକାନ୍ତ ଦାସ ଓ ଓଡ଼ି ଯାତ୍ରା ଜଗତରେ ଗୟାଧର ଆଚାର୍ଯ୍ୟଙ୍କୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବାଲାସାହେବ ଠାକ୍‌ରେ ସ୍ମୃତି ସମ୍ମାନ-୨୦୨୨ରେ ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ବେହେରା, ଉପ ପ୍ରମୁଖ ମନୋରଞ୍ଜନ ପରିଡ଼ା, ଅରବିନ୍ଦ ଆଚାର୍ଯ୍ୟ, ସୁଶାନ୍ତ କୁମାର ସ୍ୱାଇଁ, ମହାସଚିବ ଫୁନା ମହାପାତ୍ର, ସହସଚିବ ସୁରେଶ ଚନ୍ଦ୍ର ରଣା, ଉତ୍ସବ କୁମାର ଜେନା, କମଳାକାନ୍ତ ସ, ମଣ୍ଟୁ ଦାସ, ଅବନ୍ତୀ ପରିଡ଼ା, ସୀତାରାଣୀ ଜେନା, ପୂଜା ସିଂ, ଗଙ୍ଗାଧର ବିନ୍ଧାଣୀ, ରତନ କୁମାର ପାତ୍ର, ଉମେଶ ଚନ୍ଦ୍ର କଶିଳା, ଯୋଗେନ୍ଦ୍ର ଦାସ, ଅନିରୁଦ୍ଧ ସେନାପତି, ଡାକ୍ତର ସୋମନାଥ ଦାଶ, ରତ୍ନାକର ସାହୁ, ସନ୍ତୋଷ ସିଂ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ ।

# ସଜନାଗଡ଼ ପୋଲ ଅତଡ଼ା ଖସିଲା : ଭାରିଯାନ ଚଳାଚଳ ନିଷେଧ



ନୀଳଗିରି,୨୩/୦୧ (ନି.ପ୍ର): ଶେରଗଡ଼-ନୀଳଗିରି-ଝରଣାଘାଟି ୧୯ନଂ. ରାଜ୍ୟ ରାଜପଥର ନୀଳଗିରି ନିକଟ ସଜନାଗଡ଼ ଠାରେ ନିର୍ମାଣଧୀନ ନୂତନ ଘାଗରା ପୋଲ ବିପଦ ସଂକୁଳ ଅବସ୍ଥା ଥିବାରୁ ଏ ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶିତ ହେବା ପରେ ବି ସଂପୃକ୍ତ ଠିକାଦାର ଜଣକ ଅଣଦେଖା କରିବା ଯୋଗୁଁ ରବିବାର ଦିନ ପ୍ରାୟ ୨ଟା ସମୟରେ ଅତଡ଼ା ଖସିବାରୁ ଯୋଗାଯୋଗ ସଂପୂର୍ଣ୍ଣ ଠପ୍ ପାଲଟିଛି । ସୂଚନାଥାଉକି ଉକ୍ତ ପୋଲ ନିର୍ମାଣ ପାଇଁ ରାଜ୍ୟସରକାର ୩କୋଟି ଯଙ୍କା ମଂଜୁର କରିଥିବା ବେଳେ ବିଭାଗୀୟ ଟେଣ୍ଡର ପରେ ବାଲେଶ୍ୱରର ଜନୈକ ଠିକାଦାର ଉକ୍ତ ପୋଲର କାର୍ଯ୍ୟାଦେଶ ପାଇଥିଲେ । ମାତ୍ର ଠିକାଦାର ଜଣକ ମାସ ମାସ ଧରି କାର୍ଯ୍ୟ ଆରମ୍ଭ ନ କରିବାରୁ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିଲେ ମଧ କିଛି କର୍ଣ୍ଣପାତ କରି ନ ଥିଲେ । ପରେ ଠିକାଦାର ଜଣକ ନିଜର ଦୋଷକୁ ଲୁଚାଇବାକୁ ଯାଇ ଶେଷରେ ଉକ୍ତ ପୋଲ କାର୍ଯ୍ୟ ଅଳ୍ପଦିନ ମଧ୍ୟରେ ଶେଷ କରିବ ବୋଲି ଚୁକ୍ତି କରିଥିଲା । ମାତ୍ର ଠିକାଦାର ଜଣକ ଏତେ ମନ୍ଥର ଗତିରେ କାମ କଲାଯେ ନୀଳଗିରି ପୂର୍ତ୍ତ ବିଭାଗର ଏସ.ଡି.ଓ. ଓ କନିଷ୍ଠ ଯନ୍ତ୍ରୀ ବହୁବାର ଶୀଘ୍ର କାର୍ଯ୍ୟ କରିବା ପାଇଁ ତାଗିଦ କରିବା ବେଳେ ପାଲଟା ସେମାନଙ୍କୁ ନାଲି ଆଖି ଦେଖାଇଥିଲା । ଆଜି ଏହାର ପରିଣତି ଠିକାଦାରଙ୍କୁ ଭୋଗିବାକୁ ପଡ଼ିଛି। ରବିବାର ଦିନ ଅତଡ଼ା ଖସିବାରୁ ପିଚୁ ରାସ୍ତାଟି ଝୁଲୁଥିବାର ଦେଖିବାକୁ ମିଳିଛି । ଖବର ପାଇ ଏସ.ଡି.ଓ. ଓ କନିଷ୍ଠ ଯନ୍ତ୍ରୀ ପହଂଚି ପ୍ରଥମେ ଚାରିଚକିଆ ଗାଡ଼ି ଚଳାଚଳ ସଂପୂର୍ଣ୍ଣ ବନ୍ଦ କରିଛନ୍ତି । ଝିପି ଝିପି ବର୍ଷାରେ ୨ ଅଧିକାରୀ ରାସ୍ତା ବିଛିନ୍ନ ନ ହେବା ପାଇଁ ବାଲିବସ୍ତା ପେକିଂ କରୁଛନ୍ତି । ଅତଡ଼ା ଖସିବା ସମୟରେ କାମ କରୁଥିବା ଶ୍ରମିକମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଏତେବଡ଼ ସମସ୍ୟା ମଧ୍ୟରେ ଠିକାଦାର ଜଣକର ଦେଖା ମିଳି ନ ଥିଲା । ବିଭାଗୀୟ ଅଧିକାରୀମାନେ ଜେନେରେଟର ବ୍ୟବସ୍ଥା କରାଇ ଅଧିକ ଶ୍ରମିକ ଲଗାଇ ବାଲିବସ୍ତା ପକାଇଛନ୍ତି । ଜଣେ ଅନଭିଜ୍ଞ ଠିକାଦାରଙ୍କ ମନମାନୀ ପାଇଁ ଆଜି ଘାଗରାପୋଲ ବିଛିନ୍ନ ହେବାକୁ ଯାଉଛି ।

# ଦିନକରେ ୧୪୯ ସଂକ୍ରମିତ ଚିହ୍ନଟ

ପୁରୀ,୨୩/୦୧ (ନି.ପ୍ର): ଗତକାଲି ଜିଲ୍ଲାରୁ ୧୬୫ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଆଜି ୧୪୯ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଆଜି ଜିଲ୍ଲାର ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରୁ କେବଳ ପୁରୀସହରର ସଂକ୍ରମିତଙ୍କ ସଂଖ୍ୟା ୪୧ ରହିଛି। ସେହିପରି ଅସ୍ତରଙ୍ଗ ବ୍ଲକ ଅଞ୍ଚଳରୁ ୧୦ଜଣ, ବ୍ରହ୍ମଗିରିରୁ ୧୩ ଜଣ, ଡ଼େଲାଙ୍ଗରୁ୩ ଜଣ,ଗୋପରୁ ୯ଜଣ,କାକଟପୁରରୁ ୬ଜଣ, କଣାସରୁ ୫ଜଣ, ନିମାପଡ଼ାରୁ ୪ଜଣ, ପିପିଲିରୁ ୧୫ଜଣ,ପୁରୀ ସଦରରୁ ୧୪ଜଣ ଓ ସତ୍ୟବାଦୀରୁ ୧୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ପିପିଲି ଏନ୍‌ଏସିରୁ ୩ଜଣ,ନିମାପଡ଼ା ଏନ୍‌ଏସିରୁ ଜଣେ ଓ କୋଣାର୍କ ଏନ୍‌ଏସିରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ସୂଚନା ମିଳିଛି।

# ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩/୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି। ଆଦିବାସୀ ତଥା ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା ସହ ଦେଶର ସ୍ୱାଧୀନତା ପାଇଁ ବ୍ରିଟିଶ ବିରୋଧୀ ସଶସ୍ତ୍ର ସଂଗ୍ରାମରେ ତାଙ୍କର ପରାକ୍ରମ ଏବଂ ବଳିଦାନ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଛି।

# ଅସୁରକ୍ଷିତ ବିଦ୍ୟୁତ୍ ଟ୍ରାନ୍ସଫରମର : ନେଲା ମାଙ୍କଡର ଜୀବନ

ଜଳେଶ୍ୱର, ୨୩/୧(ନିପ୍ର): ଜଳେଶ୍ୱର ବିଦ୍ୟୁତ୍ ଡିଭିଜନ ଅନ୍ତର୍ଗତ ମହମ୍ମଦନଗରପାଟଣା ଗାଁରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫରମର ସଂସ୍ପର୍ଷରେ ଆସି ଆଜି ଏକ ମାଙ୍କଡର ଜୀବନ ଯାଇଛି । ପ୍ରକାଶଯୋଗ୍ୟ ଟ୍ରାନ୍ସଫରମର ଚାରିପଟେ ତାରଜାଲି ବାଡ ରହିବା ସହିତ ବଣବୋଦା, ଲତା ମାଡିଗଲେ ସେ ଗୁଡିକ ସଫା ହେବା ନିୟମ । କିନ୍ତୁ ବିଭାଗ ପକ୍ଷରୁ ତାହା ହେଉନଥିବାରୁ ଟ୍ରାନ୍ସଫରମର ଗୁଡିକରେ ବାଡ ନାହିଁ କହିଲେ ଚଳେ । ଲତା, ଗୁଳ୍ମ, ଗଛରେ ଆଚ୍ଛାଦିତ ବହୁ ଟ୍ରାନ୍ସଫର । ଫଳରେ ବିଦ୍ୟୁତ୍ ସଂଯୋଗ ସେ ଗୁଡିକ ହେଉଥିବାରୁ ଗୃହପାଳିତ ପଶୁ, ମଣିଷ, ଏପରିକି ବନ୍ୟ ଜିବଜଂତୁ ଆହତ କିମ୍ବା ମୃତ ହେଉଛନ୍ତି । କେତେକ ଟ୍ରାନ୍ସଫରମରରେ ଏବି ସୁଇଚ୍ ନ ଥିବାରୁ କୌଣସି ଘଟଣା କ୍ରମରେ ସ୍ଥାନୀୟ ଲୋକେ କିମ୍ବା କର୍ମଚାରୀ ବିଦ୍ୟୁତ୍ ସଂଯୋଗ କାଟିବାକୁ ଚାହିଁଲେ ମଧ୍ୟ ତାହା ସମ୍ଭବ ହୋଇ ପାରୁନାହିଁ । ଏବେ ଟାଟା କମ୍ପାନୀ ପକ୍ଷରୁ ଏସବୁର ଦାୟିତ୍ୱ ନିଆଯାଇଥିବାରୁ ମାନବିକତା ଦୃଷ୍ଟିରୁ ମରାମତି ଓ ସୁରକ୍ଷା ଯୋଗାଇ ଦେବାକୁ ଦାବି ହେଉଛି ।

## ପ୍ରଚାର ଆରମ୍ଭ ପୂର୍ବରୁ ଜଳଙ୍ଗ ଚଣ୍ଡିଙ୍କୁ ଆରାଧନା

ଖଇରା, ୨୩/୦୧ (ନି.ପ୍ର): ସିମୁଳିଆ ନିର୍ବାଚନ ମଣ୍ଡଳିରେ ବିଜେଡି ପ୍ରଚାରର ମଙ୍ଗ ଧରିଥିବା ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଶନିବାର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି । ଏହା ପୂର୍ବରୁ ସେ ଖଇରା ବ୍ଲକର ଜଳଙ୍ଗ-ଗଣ୍ଡିବେଡସ୍ଥିତ ପ୍ରସିଦ୍ଧ ଜଳଙ୍ଗ ଚଣ୍ଡୀଙ୍କୁ ଆରାଧନା କରିଥିଲେ । ତାଙ୍କ ସହ ୬ନଂ ଜୋନ ର ଜିଲାପରିଷଦ ପ୍ରାର୍ଥୀ ସୁଷମା ମହାପାତ୍ର, ସରପଞ୍ଚ ପ୍ରାର୍ଥୀ ମନ୍ଦାକିନୀ ଦାସ, ନାରାୟଣ ଦାସ ଓ ଅଧିକାଂଶ ୱାର୍ଡସଭ୍ୟ ସଭ୍ୟ ପ୍ରାର୍ଥୀ ଉପସ୍ଥିତ ଥିଲେ ।

## ନେତାଜୀଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୨୩/୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଭାରତମାତାର ସୁଯୋଗ୍ୟ ସନ୍ତାନ ତଥା ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି । ଓଡ଼ିଶାର ମାଟି ତାଙ୍କୁ ସେବା ଓ ସଂଗ୍ରାମର ମନ୍ତ୍ରରେ ଦୀକ୍ଷିତ କରିଥିଲା । ତାଙ୍କ ଦୃଢ ନେତୃତ୍ୱ, ଅତୁଳନୀୟ ଦେଶ ଭକ୍ତି ସମସ୍ତଙ୍କ ହୃଦୟରେ ଚିର ଅମର ହୋଇ ରହିଛି ।

# ଜଳେଶ୍ୱରର ବିଭିନ୍ନ ସ୍ଥାନରେ ସୁଭାଷ ଜୟନ୍ତୀ ପାଳିତ

ଜଳେଶ୍ୱର, ୨୩/୧(ନିପ୍ର): ଶିଶୁ ସାହିତ୍ୟିକ ତଥା ଡା. ଲକ୍ଷ୍ମଣ ଜେନାଙ୍କ ଦ୍ୱାରା ପ୍ରତିଷ୍ଠିତ ଶିଶୁ ସାହିତ୍ୟ ସଂସଦ ପକ୍ଷରୁ ଚଳିତବର୍ଷ ନେତାଜୀ ଜୟନ୍ତୀ ପାଳିତ ହୋଇ ଯାଇଛି । ଏଥିରେ ସ୍ଥାୟୀ ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ର ଅଧ୍ୟକ୍ଷତା କରିଥିଲେ । ଡ. ପ୍ରଭାସ ଚନ୍ଦ୍ର ଗିରି, ବଣିକ ସଂଘ ସଭାପତି ସୁଧିର ମହାନ୍ତି, ଡ. ଅଜିତ୍ ମହାନ୍ତି, ଅଜୟ ଭୂୟାଁ, ଚନ୍ଦ୍ରକାନ୍ତି ପରିଡା, ପ୍ରମିଳାବାଳା ଜେନା, ଭାଗବତଚନ୍ଦ୍ର ପରିଡା, ନିଶିକାନ୍ତ ଜେନା ପ୍ରମୁଖ ଉପସ୍ଥିତ ରହି ନେତାଜୀଙ୍କ ଜନ୍ମ ଦିନରେ ସ୍ୱର୍ଗତ ଲକ୍ଷ୍ମଣ ଜେନାଙ୍କ ଜନ୍ମ ଜୟନ୍ତୀ ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ତାଙ୍କ ବାସ ଭବନରେ ପାଳିତ ହୋଇ ଯାଇଛି । ଡିଏସ୍‌ଓ ଜଳେଶ୍ୱର ଶାଖା ପକ୍ଷରୁ କମାରଶାଳିଆ ଠାରେ ନେତାଜୀ ଜୟନ୍ତୀ ପାଳିତ ହୋଇ ଯାଇଛି । ବାଲେଶ୍ୱର ଜିଲା ଆବାହକ ସୌରଭ ଦାସଙ୍କ ଅଧ୍ୟକ୍ଷତାରେ ସୁଭ୍ରମ ରାଉଳ, ପ୍ରଶାନ୍ତ ଦାସ, ସମ୍ବିତ ରାଉଳ, ସୁଭାଷ ବୋଷଙ୍କ ଆଦର୍ଶ ସଂଗ୍ରାମୀ ଦେଶ ସେବକ ଜୀବନୀ ଚିତ୍ରଣ କରିଥିଲେ । ଜିଲା ସଂସ୍କୃତି ସଂଘ ପକ୍ଷରୁ ଜୀବନବିମା କାର୍ଯ୍ୟାଳୟ ସମ୍ମୁଖରେ ନେତାଜୀ ଜୟନ୍ତୀ ଓ ସୁରେନ୍ଦ୍ର ସାଏଙ୍କ ଜନ୍ମ ଦିବସ ପାଳିତ ହୋଇଛି । ଏଥିରେ ଚନ୍ଦ୍ରମୋହନ ରାଉଳ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଜିଲା ରକ୍ତ ଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ଭାସ୍କର ଚନ୍ଦ୍ର ମିଶ୍ର, ମାନସ ପ୍ରଧାନ, ସମ୍ପାଦକ ମନୋରଂଜନ ଦାସ, ସୁଶାନ୍ତ ପ୍ରଧାନ, ଅନନ୍ତ ଦାସ, ବିପିନ ବିହାରୀ ବିଶ୍ୱାଳ, ଅରୁଣ ବେଜ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସେହିପରି ଜଳେଶ୍ୱର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅଟୋ ସଂଘ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ ହୋଇ ଯାଇଛି । ଦିଲ୍ଲିପ ପରିଡାଙ୍କ ସଭାପତିତ୍ୱରେ ସିତାଂଶୁ ସେନାପତି, ଗଣେଶ ପାତ୍ର, ଦିଲ୍ଲିପ ଗିରି, ସୁଧିର ମହାନ୍ତି, ସୁକୁମାର ରଣା, ରିଆଜ ଖାଁ, ସେକ୍ ଜମିରୁଦ୍ଦିନ, ସେକ୍ ମଙ୍ଗଲୁ ପ୍ରମୁଖ ଉପସ୍ଥିତ ଥିଲେ । ଅନୁରୂପ ଭାବେ ଉପାନ୍ତ ନଛିମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ପ୍ରବୀଣ ନେତା ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରା ଯାଇଛି । ଏଥିରେ ସୁଦାମ ପାତ୍ର, ଗିରିଧାରି ରାଜ, ହରିଶ୍ଚନ୍ଦ୍ର ଜେନା, ନରୋତ୍ତମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କୋଟିଆରେ ସର୍ବଦଳୀୟ ....

କୋଟିଆର ଅଖଣ୍ଡାତକୁ ଦୃଷ୍ଟିରେ ରଖି ପ୍ରମୁଖ ରାଜନୈତିକ ଦଳ ବିନା ନିର୍ବାଚନ ଏବଂ ସହମତି ଭିତ୍ତିରେ ଲୋକପ୍ରତିନିଧି ଚୟନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏପରିକି ଜଣେ ପ୍ରାର୍ଥୀଙ୍କୁ ସମସ୍ତ ଦଳ ମନୋନୀତ କରିବା ପରେ ଗତକାଲି ପ୍ରାର୍ଥିପତ୍ର ଦାଖଲ ହୋଇଥିଲା। କିନ୍ତୁ ସର୍ବଦଳୀୟ କମିଟିର ନିଷ୍ପତ୍ତି ବିରୋଧରେ ଦୁଇ ମହିଳା ପ୍ରାର୍ଥୀ ଟିକାଇ ଓ ସବିନା ନାମାଙ୍କନ ଦାଖଲ କଲେ। ଯାହାକି କୋଟିଆକୁ ନେଇ ଆରମ୍ଭ ହୋଇଥିବା ରାଜନୀତିକୁ ଅଧିକ ଜଟିଳ ଓ ସରଗରମ କରିଛି। ସର୍ବଦଳୀୟ ନେତା ବୁଝାସୁଝା କରିବାକୁ ପ୍ରୟାସ ଜାରି ରଖି ଆଜି ପୁଣି ଦୁଇ ପ୍ରାର୍ଥୀଙ୍କୁ ବୁଝାସୁଝା କରିଛନ୍ତି। ସେହିପରି ସରପଞ୍ଚ ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ୯ଜଣ ସରପଞ୍ଚ ପ୍ରାର୍ଥୀଙ୍କ ସହ ଆଲୋଚନା ହୋଇଥିଲା। ସର୍ବଦଳୀୟ କମିଟିର ସଦସ୍ୟ ଭାବେ ପଟାଙ୍ଗି ବିଧାୟକ ପୀତମ ପାଢୀ, କୋରାପୁଟ ବିଧାୟକ ରଘୁରାମ ପୋଡାଲ, ବିଜେଡି ଜିଲ୍ଲା ସଭାପତି ଈଶ୍ୱର ପାଣିଗ୍ରାହୀ, ବିଜେପି ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ, ପ୍ରଫୁଲ୍ଲ ପାଙ୍ଗୀ, ବିଜେପି ନେତା ଜୟରାମ ପାଙ୍ଗୀଙ୍କ ସହ ବହୁ ନେତା ଆଜି କୋଟିଆରେ ଚର୍ଚ୍ଚା କରିଥିଲେ। କିନ୍ତୁ ଏହି ଆଲୋଚନା ବିଫଳ ହୋଇଥିବା ସୂଚନା ମିଳିଛି। ଟିକାଇଙ୍କୁ ଦୋରା, କନ୍ଧ ସମାଜ ସମର୍ଥନ କରୁଥିବା ବେଳେ ସବିନାଙ୍କ ସପକ୍ଷରେ ବୁଢ଼ିଆ ସମାଜ ରହିଛି। ଗତ ଦିନରେ ଖଣି ଖନନ ପାଇଁ ହୋଇଥିବା ଜନଶୁଣାଣି ସମୟରେ କୌଣସି ରାଜନୈତିକ ଦଳ ସମର୍ଥନ କରି ନଥିଲା। କିନ୍ତୁ ଏବେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାକୁ କାହିଁକି କୁହାଯାଉଛି ବୋଲି ଉଭୟ ସ୍ୱାଧୀନ ପ୍ରାର୍ଥୀ ପ୍ରଶ୍ନ କରିଛନ୍ତି। ଏହାପରେ ଯେଉଁ ଯୁକ୍ତି ଉପସ୍ଥାପନ କରିଥିଲେ ତାହାର ଉତ୍ତର ବି ସର୍ବଦଳୀୟ ନେତାଙ୍କ ନିକଟରେ ନଥିଲା। ଯାହାଫଳରେ ଆଜିର ଆଲୋଚନା ବିଫଳ ହୋଇଥିବା ବେଳେ ପୁଣି ବୁଝାସୁଝା କରାଯିବ ବୋଲି ସୂଚନା ମିଳିଛି। ତେବେ ଏହା କେତେ ଦୂର ସଫଳ ହେବ ତାହା ବଡ଼ ପ୍ରଶ୍ନ। ଏ ନେଇ ପୂର୍ବତନ ଜିଲ୍ଲାପାଳ ଗଦାଧର ପରିଡା କହିଛନ୍ତି, ସବୁ ନାଗରିକଙ୍କ ପରି କୋଟିଆବାସୀଙ୍କ ମତଦାନ ଅଧିକାର ରହିଛି। କାହିଁକି ଓ କେଉଁ ପରିସ୍ଥିତିରେ ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି। ରାଜ୍ୟ ନିର୍ବାଚନ ଆୟୋଗ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ବିଜେପି ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ କହିଛନ୍ତି, କୋଟିଆରେ ଆନ୍ଧ୍ରର କିଛି ସମର୍ଥକ ସରପଞ୍ଚ ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଯଦି ସେମାନେ ସରପଞ୍ଚ ହୁଅନ୍ତି ତେବେ ଓଡ଼ିଶା ପାଇଁ ଆଦୌ ଶୁଭଙ୍କର ନୁହଁ। ତେଣୁ ସେମାନଙ୍କ ସହ ଆଲୋଚନା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ। କୋରାପୁଟ ବିଧାୟକ ରଘୁରାମ ପୋଡାଲ କହିଛନ୍ତି, ସର୍ବସମ୍ମତି କ୍ରମେ ମମତା ଜାନୀଙ୍କୁ ପ୍ରାର୍ଥୀ କରାଯାଇଥିଲା। ହେଲେ ଟିକାଇ ଓ ସବିନା ପ୍ରାର୍ଥ ହୋଇଥିବାରୁ ବୁଝାସୁଝା ଚାଲିଛି। ସେମାନେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବେ ନା ନାହିଁ ଖୁବଶୀଘ୍ର ଜଣାପଡିବ। ବିଜେଡି ଜିଲ୍ଲା ସଭାପତି ଈଶ୍ୱର ପାଣିଗ୍ରାହୀ କହିଛନ୍ତି, ଆଜି ସର୍ବଦଳୀୟ ବୈଠକ ବସିଥିଲା। ମମତା ଜାନୀ, ଟିକାଇ ଗେମେଲ ଓ ସବିନା ବୁଡିଆଙ୍କ ପ୍ରାର୍ଥିତ୍ୱ ସଂପର୍କରେ ଆଲୋଚନ ହୋଇଛି। ଏହାସହ କୋଟିଆରୁ ୯ ଜଣ ସରପଞ୍ଚ ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବାରୁ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ଓଡ଼ିଶାରେ ହରିୟାଣା ପୋଲିସର ....

ସଠି ଗାଁକୁ ଯାଇଥିଲେ ହରିୟାଣା ପୋଲିସ । ଆଉ ଗାଁରୁ ଜଣେ ମହିଳା, ଜଣେ ନାବାଳିକା ଓ ଜଣେ ଯୁବକଙ୍କୁ ଧରି ଖନ୍ତାପଡା ଥାନାକୁ ଆଣିଥିଲା । ଖବର ପାଇ ପଛେପଛେ ଥାନାରେ ପହଁଚିଯାଇଥିଲେ ଗ୍ରାମବାସୀ । ଆଉ ସେମାନଙ୍କୁ ଛାଡି ଦେବାକୁ ଅନୁରୋଧ କରିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଗ୍ରାମବାସୀମାନଙ୍କୁ ଆକ୍ରମଣ କରିଥିଲା ହରିୟାଣା ପୋଲିସ । ଥାନା ପରିସରରେ ଉତେଜନା ସୃଷ୍ଟି ହେବା ପରେ ଏସଡିପିଓ ଘଟଣାସ୍ଥଳରେ ପହଁଚି ଉଭୟ ପକ୍ଷଙ୍କୁ ବୁଝୁସୁଝା କରିଥିଲେ । ହରିୟାଣା ପୋଲିସ ଏଭଳି ଘଟଣା ପାଇଁ ଦୁଃଖ ପ୍ରକାଶ କରିବା ସହ ଉଠାଇ ଆଣିଥିବା ତିନି ଜଣଙ୍କୁ ନୋଟିସ ଦେଇ ଛାଡି ଦେଇଥିବା ଜଣାପଡିଛି । ତେବେ ପ୍ରଶ୍ନ ଉଠୁଛି ଉତ୍ତେଜନା ସମୟରେ ଖନ୍ତାପଡା ଥାନା ପୋଲିସ କୁଆଡେ ଯାଇଥିଲେ ?

## ଇଣ୍ଡିଆ ଗେଟ୍ ଠାରେ ନେତାଜୀଙ୍କ....

ବଂଟନ କରାଯାଇଥିଲା। ମୋଦି ତାଙ୍କ ଭାଷଣରେ କହିଥିଲେ ଯେ ଏହା ଏକ ଐତିହାସିକ ସ୍ଥାନ ଏବଂ ଐତିହାସି ଉତ୍ସବ ମଧ୍ୟ। ନେତାଜୀ ବ୍ରିଟିସରଙ୍କ ପାଖରେ ନତମସ୍ତକ ହେବାକୁ ମନା କରିଦେଇଥିଲେ। ତାଙ୍କ ପ୍ରତିମୂର୍ତ୍ତି ଅଗାମୀ ପିଢ଼ି ପାଇଁ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରେରଣା ଦାୟୀ ହେବ। ଆମେ ନେତାଜୀଙ୍କର 'କ୍ୟାନ ଡୋ ଏବଂ ଉଇଲ୍ ସ୍ପିରିଟ୍'ରେ ପ୍ରେରିତ ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହା କେବଳ ଏକ ପ୍ରତିମୂର୍ତ୍ତି ନୁହଁ ବରଂ ଜଣେ କିମ୍ବଦନ୍ତୀ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ମଥାନତ ଶ୍ରଦ୍ଧାଞ୍ଜଳି । ଯିଏ ଭାରତର ସ୍ୱତନ୍ତ୍ରତା ସଂଗ୍ରାମରେ ସବୁକିଛି ଦେଇଦେଇଥିଲେ ବୋଲି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଥିଲେ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ


ଭୁବନେଶ୍ୱର, ୨୩/୦୧ (ନି.ପ୍ର): ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ କର୍ଣ୍ଣଧାର ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ସ୍ଥାନୀୟ ରଶୁଲଗଡ ଛକରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଛି । ମାଲ୍ୟାର୍ପଣ ସଭାରେ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ନେତାଜୀଙ୍କର ବୀରତା ବିଷୟରେ ପିଲାମାନେ ପଢିବା ଉଚିତ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ସମ୍ପାଦିକା ବାସନ୍ତୀ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ଶିଧର୍ଥ ଶଙ୍କର ଗଡନାୟକ, ଅକ୍ଷୟ ଜେଠୀ, ପ୍ରକାଶ ସାମଲ, ସମରଞ୍ଜନ ମହାନ୍ତି ଓ ପତିତପାବନ ତ୍ରିପାଠୀ, ପ୍ରମୁଖ ଭାଗ ନେଇ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ଉତ୍କଳ ସମ୍ମିଳନୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ବସ୍ତାରେ ନେତାଜୀ ସୁରେନ୍ଦ୍ର ସାଏ ଓ ସଦାନନ୍ଦଜୀଙ୍କ ଜୟନ୍ତୀ ପାଳିତ



ବସ୍ତା, ୨୩/୦୧ (ନି.ପ୍ର): ଭାରତୀୟ ଯୁବ ସମାଜର ଆଦର୍ଶ ରାଜନେତା,ଓଡିଶା ମାଟିର ଗର୍ବ ଓ ଗୌରବ ନେତାଜୀ ସୁଭାଷ ଚନ୍ଦ୍ର ବୋଷ,ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ରାଷ୍ଟ୍ରବାଦୀ ସଦାନନ୍ଦ ପାନ୍ତୱନେଙ୍କ ଜନ୍ମ ଜୟନ୍ତୀ ଉତ୍ସବ ବସ୍ତାସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିଷର ରେ ଅନୁଷ୍ଠିତ ହୋଇଯାଇଛି ।ଏହି ଉପଲକ୍ଷେ ଏକ ସ୍ମୃତି ସଭା ପରିଚାଳନା ପରିଷଦର ସଦସ୍ୟ ପ୍ରଦୀପ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ଉପଦେଷ୍ଟା ଶ୍ୟାମା ପ୍ରସାଦ ବେହେରା ଓ ସମ୍ପାଦକ ରାମଚନ୍ଦ୍ର ଦେବ ଏହି ତିନିଜଣ ମହାପୁରୁଷଙ୍କ ଜୀବନାଦର୍ଶ ବିଷୟରେ ଆଲୋକପାତ କରିଥିଲେ ।ବିଦ୍ୟାଳୟ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଏହି ଉପଲକ୍ଷେ ଏକ ଅନଲାଇନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଶିକ୍ଷା କେନ୍ଦ୍ର ର ଗୁରୁମା ଗୁରୁଜୀ ପ୍ରଶାନ୍ତ ଗିରି, ରଞ୍ଜିତା ପାଢୀ, ସୁଶାନ୍ତିଲତା ବେହେରା, ଅଞ୍ଜନ ସାହୁ, ପୁଷ୍ପଲତା ପଟ୍ଟନାୟକ, କବିତା ମହାକୁଡ଼, ସରୋଜ ପାତ୍ର,ସୁଚିସ୍ମିତା ସାହୁ, ଅର୍ଚ୍ଚନା ଘୋଷ,ରାଜେଶ୍ୱରୀ ଦାସ, ପ୍ରଜ୍ଞା ପରମିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ନେତାଜୀଙ୍କ ସ୍ମୃତିରେ ସେଲ୍ଫି




ଭୁବନେଶ୍ୱର,୨୨/୦୧(ନି.ପ୍ର): ମହାନ ଦେଶଭକ୍ତ ତଥା ସ୍ୱାଧୀନତା ସଂଗ୍ରାମୀ, ଭାରତର ମୁକ୍ତି ସଂଗ୍ରାମର ଅବିସ୍ମରଣୀୟ ଯୋଦ୍ଧା ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ଅବସରରେ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ, ଭୁବନେଶ୍ୱର ତରଫରୁ ନେତାଜୀଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ନେତାଜୀଙ୍କ ସ୍ମୃତିରେ ଏକ ସେଲ୍ଫି ପୋଇଁଟ କଟକସ୍ଥିତ ନେତାଜୀଙ୍କ ଜନ୍ମ ସ୍ଥାନ ସଂଗ୍ରହାଳୟ ସମ୍ମୁଖରେ ଅବସ୍ଥାପିତ କରାଯାଇଛି । ଏହି ଅବରସରରେ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର, ରାଜ୍ୟସଭା ସାଂସଦ ସୁଭାଷ ସିଂ, ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗର, ଅତିରିକ୍ତ ମୁଖ୍ୟ ସଚିବ ମଧୁସୂଦନ ପାଢ଼ୀ, ନିର୍ଦ୍ଦେଶକ, ରଞ୍ଜନ କୁମାର ଦାସ, କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନି, ମୁଖ୍ୟ ପୋଷ୍ଟ ମାଷ୍ଟେର ଜେନେରାଲ ଶୁଭେନ୍ଦୁ ସ୍ୱାଇଁ ତଥା ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତଥା ବିଭିନ୍ନ ବର୍ଗର ଲୋକ ସେଲ୍ଫି ନେବା ସହ ସମସ୍ତେ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ବିକାଶରେ ସାମିଲ ହେବା ପାଇଁ ବାର୍ତ୍ତା ଦେଇଛନ୍ତି ।

# ନଗରପାଳ ପାଇଁ ଚର୍ଚ୍ଚାରେ ଗୀତାଞ୍ଜଳି ପଣ୍ଡା

ପୁରୀ, ୨୩/୦୧ (ନି.ପ୍ର): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗ୍ରାମାଞ୍ଚଳରେ ରାଜନୈତିକ ତାତି ବୃଦ୍ଧି ପାଇବାରେ ଲାଗିଛି । ପଞ୍ଚାୟତ ନିର୍ବାଚନ ପରେ ପୌର ନିର୍ବାଚନ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି । ପୁରୀ ମହାନଗର ମାନ୍ୟତା ପାଇବା ଆଶା ମଉଳିବା ପରେ ନିର୍ବାଚନ ପାଇଁ ନଗରପାଳ ପଦବିଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ଅଦୃଶ୍ୟ ନେତାଙ୍କ ତେରଛା ବାଣରେ ନଗରପାଳ ପାଇଁ ଆଶାୟୀ ୭ ପୁରୁଷ ମହାରାଥୀ ଧରାଶାୟୀ ହୋଇଯାଇଛନ୍ତି । ପୌର ନିର୍ବାଚନରେ ନଗରପାଳ ପଦବିଟି ସାଧାରଣବର୍ଗଙ୍କ ପାଇଁ ସଂରକ୍ଷିତ ହୋଇଥିଲେ ମହାଦ୍ୱନ୍ଦ ଲାଗିବାର ଆଶଙ୍କା ରହିଥିଲା । ଏହାକୁ ବିଚାର କରି ଅତି ଚତୁରତାର ସହ ନଗରପାଳ ପଦବିଟି ମହିଳାଙ୍କ ପାଇଁ ସଂରକ୍ଷିତ କରାଯାଇଛି । କିଏ ହେବ ମହିଳା ନଗରପାଳ ତାକୁ ନେଇ ପୁରୀ ପୌରାଞ୍ଚଳରେ ରାଜନୈତିକ ତାତି ବଢୁଛି । ଆଶାୟୀଙ୍କ ମଧ୍ୟରେ ଗୀତାଞ୍ଜଳି ପଣ୍ଡାଙ୍କ ନାମ ଆଜି ସାମାଜିକ ଗଣମାଧ୍ୟମରେ ବେଶ ଚର୍ଚ୍ଚାର ବିଷୟ ହୋଇଛି । ଶ୍ରୀମତୀ ପଣ୍ଡା ପୂର୍ବରୁ ଅର୍ବାନ ବ୍ୟାଙ୍କର ଡ଼ାଇରେକ୍ଟର ଭାବେ ନିର୍ବାଚିତ ହୋଇ ଦକ୍ଷତାର ସହ କାର୍ଯ୍ୟ କରି ସହରରେ ପରିଚିତ ହୋଇଥିଲେ । ଏହା ସହ ଅନାଥଙ୍କୁ ସାହାର୍ଯ୍ୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ରକ୍ତ ଦାନ ବାହପୂର୍ଣ୍ୟ ଭାବି ରେଡ଼କ୍ରସର ଆଜିବନ ସଦସ୍ୟା ଅଛନ୍ତି । ପୂର୍ବରୁ ସେ ଗୋଟିଏ ପୁରୁଣା ରାଜନୈତିକ ଦଳରେ ରହି ରାଜନୈତିକ ପରିପକ୍ୱତା ହାସଲ କରିଛନ୍ତି । ସେ ଜଣେ କବିୟତ୍ରୀ ଓ ଲେଖିକା ଭାବେ ବେଶ ପରିଚିତ । ତାଙ୍କର ସହରର ସମସ୍ତ ୱାର୍ଡ଼ରେ ଅଧିକାଂଶ ପରିଚିତ ଭୋଟର ରହିଛନ୍ତି । ପୂର୍ବରୁ ଶ୍ରୀମତୀ ପଣ୍ଡା କାଉନସିଲର ହୋଇନଥିବା ବେଳେ ତାଙ୍କ ନାମରେ କୌଣସି ୱାର୍ଡ଼ବାସୀଙ୍କ ଅଭିଯୋଗ ନାହିଁ । ଏଣୁ ତାଙ୍କୁ ନଗରପାଳ କରାଗଲେ ସହରର ଜଣେ ଉଚ୍ଚ ଶିକ୍ଷିତା ମହିଳାଙ୍କୁ ପାଇପାରିବ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି ।

# ସଶସ୍ତ୍ର ବିପ୍ଳବ ମାଧ୍ୟମରେ ସ୍ୱାଧୀନତା ଚାହୁଁଥିଲେ ନେତାଜୀ



ଖଇରା, ୨୩/୦୧ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ଦୁର୍ଗାମଣ୍ଡପ ଠାରେ ସ୍ୱାମୀ ବିବେକାନନ୍ଦ ସେବା ସଂସ୍ଥାନ ଆନିକୂଲ୍ୟରେ ନେତାଜୀ ସୁବାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ୧୩୫ତମ ଜନ୍ମ ଜୟନ୍ତୀ ସତ୍ୟବ୍ରତ ନାରାୟଣ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଆଞ୍ଚଳିକ ବ୍ରହ୍ମଣ ସମିତିର ରାଜ୍ୟ ଉପସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସନ୍ତୋଷ କୁମାର ଶତପଥୋ,ଖଇରା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ଓ ଉମେଶ ଚନ୍ଦ୍ର ନାୟକ,ପ୍ରାକ୍ତନ ଶିକ୍ଷକ ଗଗନ ବିହାରୀ ପଣ୍ଡା, ଉପେନ୍ଦ୍ର ଦାସ, ରଘୁନାଥ ପତ୍ରୀ, ନାରାୟଣ ପଣ୍ଡା, ଅନ୍ତର୍ଯ୍ୟାମୀ ପାତ୍ର ଓ ବୈକୁଣ୍ଠନାଥ ପାଢୀ, ପୂର୍ବତନ ବ୍ୟାଙ୍କ ମ୍ୟାନେଜର ପଦ୍ମାଲୋଚନ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ସେଣ୍ଠ, ପଙ୍କଜ ମହାନ୍ତି ପ୍ରମୁଖ ବକ୍ତାଭାବେ ଯୋଗ ଦେଇଥିଲେ । ନେତାଜୀ ଭିକ୍ଷାରେ ନୁହେଁ ସଶସ୍ତ୍ର ବିପ୍ଳବ ମାଧ୍ୟମରେ ସ୍ୱାଧିନତା ଚାହୁଁଥିଲେ ବୋଲି ବକ୍ତାମାନେ ଆଲୋକପାତ କରିଥିଲେ । ସେହିଭଳି ଖଇରା ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଖଇରା ସାମ୍ବାଦିକ ପ୍ରକୋଷ୍ଠ ପରିସରରେ ସୁବାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତି ପାଳିତ ହୋଇ ଯାଇଛି ସଭାପତି ଉତ୍କଳବନ୍ଧୁ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଉପଦେଷ୍ଟା ଅନାମ ଚରଣ ପଣ୍ଡା, ସମ୍ପାଦକ ବଳରାମ ଲେଙ୍କା, ସଞ୍ଜୟ ବେହେରା, ଧନଞ୍ଜୟ ପଣ୍ଡା, ଦୟାନିଧି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋଟିଏ ଦିନରେ ୮୫୨୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୩/୦୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୫୨୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୦୪୬୬୦ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୯୩୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୧ ଲକ୍ଷ ୧୦ ହଜାର ୭୬୭ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୫୩୨୦ ରହିଛି । ଆଜି ଚିହ୍ନଟ ହୋଇଥିବା ୮୫୨୦ ଜଣଙ୍କ ମଧ୍ୟରୁ ୪୯୪୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୫୭୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୨୬୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୪୨, ବାଲେଶ୍ୱର ଜିଲ୍ଲାରୁ ୩୪୬ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୪୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୮୬, କଟକରୁ ୭୮୯ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୭୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧୦୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୯୦, ଗଂଜାମ ଜିଲ୍ଲାରେ ୮୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୬୫, ଯାଜପୁରରୁ ୨୫୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୧୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୨୨୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୧୦୦ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୩୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୧୨୬ , ଖୋର୍ଦ୍ଧାରୁ ୨୨୬୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧୫୭ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୮୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୯୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୨୧୬ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୧୯୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୧୮୭ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୧୮୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୮୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୯୩୨, ଷ୍ଟେଟ୍ ପୁଲରୁ ୪୬୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ମଣ୍ଡିରେ ଧାନବିକ୍ରିର ସମୟ ସୀମା ବୃଦ୍ଧି ପାଇଁ ଦାବି

ଗଞ୍ଜାମ, ୨୩/୦୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକରେ ମଣ୍ଡି ଜାନୁଆରୀ ପ୍ରଥମ ସପ୍ତାହରେ ଖୋଲାଯାଇଥିଲେ ମଧ ଡିସେମ୍ବର ୨୮ ତାରିଖରୁ ମଣ୍ଡିରେ ଧାନ ବିକ୍ରି କରିବାକୁ ଗତମାସ ୨୯ତାରିଖରୁ ଚାଷୀଙ୍କୁ ଏଫଏସ ଓସିଡବଲ୍ୟୁ ନୋଟିସ ଜାରୀ କରିଛି। ଫଳରେ ଚାଷୀ ମାନେ ମଣ୍ଡିକୁ ଚଳିତ ମାସ ୨୭ ତାରିଖ ମଧ୍ୟରେ ଧାନବିକ୍ରି କରିବାକୁ ବାଧ। ଏହାପରେ ଚାଷୀଙ୍କ ଠାରୁଆଉ ଧାନ କିଣାଯିବନି। କିନ୍ତୁ, ଚଳିତ ମାସରେ ଲଘୁଚାପଜନିତ ଲଗାଣ ବର୍ଷାରେ ଅମଳ ହୋଇ ଜମିରେ ଥିବା ଧାନ ଚାଷୀଘରକୁଆଣିପାରିନାହିଁ। ଜମିରେ ପ୍ରାୟ ଛଅ ଇଂଚ ଲେଖାଏଁ ଉଚ୍ଚରେ ପାଣି ଜମି ରହିଛି । ଫଂଳରେ ଧାନଥିବା ଜମିକୁ ଟ୍ରାକ୍ଟର କିମ୍ବା ଅନ୍ୟ ଯାନ ଯାଇ ଚାଷୀଙ୍କ ଧାନ ଉଠାଇପାରୁନାହିଁ ।ଜମିରେ ପାଣି ସୁଖିବାକୁ ପ୍ରାୟ ୧୫ ଦିନ ସମୟ ଲାଗିଯାଇପାରେ । ଏହା ପରେ ହିଁ ଚାଷିଜମିରୁ ଧାନ ଉଠାଇ ମଣ୍ଡିକୁ ନେବା ସମ୍ଭବପର। ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଗଂଜାମ ଜିଲାପାଳ ଘଟଣାର ତଦନ୍ତ କରି ଚାଷୀଙ୍କ ଠାରୁମଣ୍ଡିକୁ ଧାନ କିଣିବା ସମୟସୀମା ଅଧିକ ଏକମାସ ବୃଦ୍ଧି କରିବାକୁ ଚାଷୀକଙ୍କ ପକ୍ଷରୁ ଦାବି ହେଉଛି।

# ନଦୀ ସ୍ରୋତରେ ଭାସିଯାଇ ଛାତ୍ରର ଅକାଳ ମୃତ୍ୟୁ

ଧର୍ମଶାଳା, ୨୩/୦୧ (ନି.ପ୍ର): ଯାଜପୁର ଜିଲା ବଡଚଣା ଥାନା ଅଂଚଳରେ ଅଘଟଣ । ନଦୀର ପ୍ରଖର ସ୍ରୋତରେ ପାଣିରେ ଭାସି ଯାଇ ଜଣେ ଛାତ୍ରର ଅକାଳେ ବିୟୋଗ ଘଟିଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳିଯାଇଛି । ମୃତକ ଜଣକ ହେଲେ ବଡଚଣା ଥାନା ଅନ୍ତର୍ଗତ ଦେଉଳକୁର ଗ୍ରାମର ସଂଜୟ ପ୍ରଧାନଙ୍କ ଏକ ମାତ୍ର ପୁଅ ତନ୍ମୟ (୧୬) ବୋଲି ଜଣାପଡିଛି । ସୂଚନା ମୁତାବକ ଆଜି ତନ୍ମୟ ସାଂଗମାନଙ୍କ ସହ ନିକଟସ୍ଥ ବଡଗେଙ୍ଗୁଟି ନଦୀକୁ ଗାଧୋଇବାକୁ ଯାଇଥିଲେ । ସେଠାରେ ଗାଧୋଉଥିବା ସମୟରେ ଅସାବଧାନତା ହେତୁ ସେ ପ୍ରଖର ସ୍ରୋତରେ ଭାସି ଯାଇଥିଲେ । ସଂଗମାନେ ବହୁ ଖୋଜା ଖୋଜି ପରେ ତାଙ୍କୁ ନିକଟସ୍ଥ ରାଧାଦେଇପୁର ନିକଟରୁ ତାଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାକୁ ନେଇ ବଡଚଣା ଥାନାକୁ ଖବର ଦିଆଯାଇଥିଲା । ପୁଲିସ ମେଡିକାଲରେ ପଂହଚି ମୃତ ଦେହକୁ ଜବତ କରି ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଛେଦ ନିମନ୍ତେ ବଡଚଣା ମେଡିକାଲକୁ ପଠାଇଘଟଣାର ତଦନ୍ତ ଚଳାଇଛି । ତେବେ ଏଭଳି ଅକାଳ ବିୟୋଗକୁ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

# ଏମ.କେ.ସି. ସ୍କୁଲରେ ସୁଭାଷ ବୋଷଙ୍କ ଜୟନ୍ତୀ ପାଳିତ



ବାରିପଦା, ୨୩/୦୧ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ହରେକୃଷ୍ଣ ମହାନ୍ତଙ୍କ ପୌରୋହିତ୍ୟରେ ମହାନ ସ୍ୱାଧିନତା ସଂଗ୍ରାମୀ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ନେତାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ, ଶିକ୍ଷକ ଅମୁଲ୍ୟ କୁମ୍ଭକାର, ଅମିତାଭ ମିଶ୍ର, ଉପେନ୍ଦ୍ରନାଥ ବେହେରା, ମନୋଜ କୁମାର ପରିଡା ପ୍ରମୁଖ ବକ୍ତବ୍ୟ ଦେଇ ନେତାଜୀଙ୍କ ତ୍ୟାଗପୂତ ଜୀବନ, ଭାରତର ସ୍ୱାଧୀନତାରେ ତାଙ୍କର ବଳିଷ୍ଠ ଅବଦାନ ସର୍ବୋପରି ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ରାଜୀବ ଲୋଚନ ଜେନା ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରବୀଣ ଚାନ୍ଦ ଓ ସୋନାଲି ପରଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିର୍ବାଚନ ମଇଦାନରେ ୭୩ ବର୍ଷ ବୟସ୍କ ପ୍ରାର୍ଥୀ ରଥ ବେହେରା

ଭଦ୍ରକ, ୨୩/୦୧ (ନି.ପ୍ର): ଆଗାମୀ ପଂଚ୍ଚୟତ ନିର୍ବାଚନ ମଇଦାନରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ବିଶିଷ୍ଟ ସମାଜସେବୀ ତଥା ଅବସରପ୍ରାପ୍ତ ହାଇସ୍କୁଲ ପ୍ରାଧାନଶିକ୍ଷକ ରଥ ବେହେରା ପ୍ରାର୍ଥୀ ପତ୍ର ଦାଖଲ କରିଥିବା ଜଣାପଡ଼ିଛି । ବନ୍ତ ବ୍ଲକ ଆଗରପଡ଼ା ୧୪ ନଂ ଜିଲ୍ଲା ପରିଷଦ ଜୋନ ଅନ୍ତର୍ଗତ ଋରିଗାଁ ପଂଚ୍ଚୟତରୁ ସମିତି ସଭ୍ୟ ପ୍ରାର୍ଥୀ ଭାବେ ସେ ନିଜ ନାମାଙ୍କନପତ୍ର ଦାଖଲ କରିଛନ୍ତି । ବିଜେଡ଼ି ସମର୍ଥୀତ ସମିତି ସଭ୍ୟ ପ୍ରାର୍ଥୀଙ୍କ ସହ ତାଙ୍କର ଲଢେଇ ହେବ । ଶ୍ରୀ ବେହେରା କେନ୍ଦୁଆପଦା ଓ ନାଲଗରା ଆଦି ହାଇସ୍କୁଲରୁ ପ୍ରଧାନଶିକ୍ଷକ ଭାବେ ଋକିରୀ କରି ଅବସର ନେଇଛନ୍ତି । ଅବସର ପରେ ସମାଜସେବାକୁ ନିଜର ବ୍ରତ ଭାବେ ଗ୍ରହଣ କରି ପରୋପକାର ଓ ସ୍ଥାନୀୟ ଅଂଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଅହରହ ଚେଷ୍ଟା ଅବ୍ୟାହତ ରଖିଛନ୍ତି । ଗରୀବ ଲୋକ ଭତା କିମ୍ବା ବିଜୁ ପକ୍କାଘରଟିଏ ପାଇବାରୁ ବଂଚିତ ହେଉଥିବା ସେ ଜାଣିବାକୁ ପାଇବା କ୍ଷଣି ତାକୁ ଏହା ଯୋଗଇ ଦେବାକୁ ବୟସର ଅପରାହ୍ନରେ ସରକାରୀ ଦପ୍ତରରେ ତତ୍‌କ୍ଷଣାତ୍ ପହଂଚି ତାଙ୍କ ପ୍ରୟାସ ଜାରି ରଖିବାର ବହୁ ନଜିର ରହିଛି । ଏହି ସେବା ମନୋବୃତିକୁ ପାଥେୟ କରି ସେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି ବୋଲି ପ୍ରକାଶ କରିଛନ୍ତି । ବର୍ତ୍ତମାନ ତାଙ୍କର ୭୩ ବର୍ଷ ହୋଇଥିଲେ ସୁଦ୍ଧା ଥକି ନପଡ଼ି ସମାଜସେବାକୁ ଜାରି ରଖିଥିଲେ । ଓ ଏବେ ସକ୍ରିୟ ରାଜନିତୀରେ ରହି ଲୋକଙ୍କ ସେବା କରିବେ ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

# ସମିତି ସଭ୍ୟ ପାଇଁ ବିଜେପି ଜିଲ୍ଲା ସଭାପତି ହେମନ୍ତ ଓ ତାଙ୍କ ପତ୍ନୀ

ଭଦ୍ରକ, ୨୩/୦୧ (ନି.ପ୍ର): ଏକ ଉଲ୍ଲେଖନୀୟ ଘଟଣା କ୍ରମରେ ବିଜେପିର ଭଦ୍ରକ ଜିଲା ସଭାପତି ହେମନ୍ତ ପାଢୀ ଓ ତାଙ୍କ ପତ୍ନୀ ସସ୍ମିତା ପୃଥକ୍ ଭାବେ ଭଦ୍ରକ ବ୍ଲକ୍‌ର ଦୁଇଟି ପଂଚାୟତର ସମିତିସଭ୍ୟ ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଶ୍ରୀ ପାଢୀ ବେନ୍ତାଳ ପଂଚାୟତର ସମିତିସଭ୍ୟ ପାଥଁ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ସସ୍ମିତା ବଣିଆ ପଂଚାୟତ ପାଇଁ ପ୍ରାର୍ଥପତ୍ର ଦାଖଲ କରିଛନ୍ତି। ୨୦୧୭ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବିଜେଡିରୁ ୨୮ ନଂ ଜୋନ୍ ଜିଲା ପରିଷଦ ଆସନ ପାଇଁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଛାଡି ବିଜେପିରେ ସେ ଯୋଗ ଦେଇଥିଲେ। ପରବର୍ତୀ ସମୟରେ ସେ ବିଜେପିର ଜିଲା ସଭାପତି ହୋଇଥିଲେ। ମାତ୍ର ପୂର୍ବରୁ ଜିଲା ପରିଷଦ ସଭ୍ୟ ଥାଇ ଓ ଏକ ଜାତୀୟ ଦଳର ଜିଲା ସଭାପତି ଥାଇ ମଧ ଏକ ପଂଚାୟତରୁ ସମିତି ସଭ୍ୟ ଭାବେ ପ୍ରାର୍ଥୀପତ୍ର ଦାଖଲ କରିବା ଘଟଣା ଏବେ ସବୁଠି ଚର୍ଚ୍ଚାର ବିଷୟ ହୋଇଛି। ଶ୍ରୀ ପାଢୀ କହିଛନ୍ତି ଯେ ବିଜେପି ଭଦ୍ରକ ପଂଚାୟତ ସମିତି ଦଖଲ କରିବା ଲାଗି ଯୋଜନା ରଖିଛି। ଆମେ ଏ ଦିଗରେ ଚେଷ୍ଟାରତ। ମୁଁ ଏକ ଜାତୀୟ ଦଳର ଜିଲା ସଭାପତି ହୋଇଥିଲେ ମଧ ମୋ ରାଜନୈତିକ କ୍ୟାରିୟର ଆରମ୍ଭରୁ ମୁଁ ତୃଣମୂଳସ୍ତରର କର୍ମୀଙ୍କ ସହ ଜଡିତ ରହିଆସିଛି। ତେଣୁ ସେହି ସଂପର୍କ ପୂର୍ବ ଭଳି ବଜାୟ ରଖିବା ପାଇଁ ମୁଁ ସମିତି ସଭ୍ୟ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଛି। ସେହିପରି ଶ୍ରୀ ପାଢୀଙ୍କ ପତ୍ନୀ ସସ୍ମିତା କହିଛନ୍ତି ଯେ ମୋ ସ୍ୱାମୀ ୨୧ ବର୍ଷ ହେଲା ରାଜନୀତିରେ ଅଛନ୍ତି। ମୁଁ ସବୁବେଳେ ତାଙ୍କୁ ଦୃଢ ନୈତିକ ସମର୍ଥନ ଦେଇଆସିଛି। ତେବେ ପ୍ରତ୍ୟକ୍ଷ ରାଜନୀତିକୁ ଓହ୍ଲାଇବାକୁ ଚିନ୍ତା କେବେ କରିନଥିଲି। କିନ୍ତୁ ଚଳିତ ନିର୍ବାଚନରେ ମୋତେ ଏହି ସୁଯୋଗ ମିଳିଥିବାରୁ ମୁଁ ବହୁତ ଖୁସି।

# ନେତାଜୀଙ୍କ ସାହାସିକତା ଯୁବସମାଜ ପାଇଁ ପ୍ରେରଣାଦାୟୀ

ପୁରୀ, ୨୩/୦୧ (ନି.ପ୍ର): ନେତାଜୀଙ୍କ ସାହାସିକତା ଯୁବସମାଜ ପାଇଁ ପ୍ରେରଣାଦାୟୀ ହୋଇରହିବ ବୋଲି ଜୟନ୍ତୀ ଅବସରରେ ବିଶିଷ୍ଟବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଜିଲ୍ଲାପ୍ରଶାସନ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ନେତାଜୀ ସଂଗ୍ରହାଳୟ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପୂର୍ବକ ମାଲ୍ୟାର୍ପଣ କରିଥିଲେ। ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବ୍ୟକ୍ତିମାନେ ନେତାଜୀଙ୍କ ଦୃଢ ନେତୃତ୍ୱ, ଦେଶମାତୃକା ପାଇଁ ତାଙ୍କ ତ୍ୟାଗ,ବୀରତ୍ୱ ଓ ଦେଶପ୍ରେମର ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନେତାଜୀ ସ୍ମୃତି ପରିଷଦର ସଭାପତି ବିପିନାନନ୍ଦ ମିଶ୍ର,ଆବାହକ ଶିବ ପ୍ରଶାଦ ମିଶ୍ର,ପୃଷ୍ଟପୋଷକ ଜଗନ୍ନାଥ ବସ୍ତିଆ,ସମ୍ପାଦକ ଜଗନ୍ନାଥ ଦେଓ,ଟୁନା ନାୟକ ଓ ଅନାମ ଚନ୍ଦ୍ର ସାହୁଙ୍କ ସମେତ ସଂସ୍କୃତି କାର୍ଯ୍ୟାଳୟର କର୍ମକର୍ତ୍ତାମାନେ ଉପସ୍ଥିତ ରହି ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କ୍ରିକେଟ ଖେଳ ଅନୁଷ୍ଠିତ

ଜୟପୁର, ୨୩/୦୧ (ନି.ପ୍ର): ଜୟପୁର ଦଶହରା ପଡିଆ ଠାରେ ମାଲକାନଗିରି ଜିଲାର ୧୬ ବର୍ଷ ରୁ କମ ଓ କୋରାପୁଟ ଜିଲାର ୧୬ ବର୍ଷ ରୁ କମ ବାଳକ ମାନଙ୍କ ଏକ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ କୋରାପୁଟର ଖେଳାଳ ମାନେ ପ୍ରଥମେ ବେଟିଂ କରି ୩୩ ଓଭରରେ ୧୪୦ ରନ କରି ଅଲ ଆଉଟ ହୋଇଥିଲେ । ଏହି ମ୍ୟାଚରେ ପାର୍ଥ ସାରଥି ଲେଙ୍କା ୩୭ ରନ କରିଥିଲେ । ମାଲକାନଗିରିର ସନ୍ଦିପ ସିଂ ୫ ଉଇକେଟ ନେଇଥିବା ବେଳେ ମୋହିତ ପାଲ ୫୩ ରନ କରିଥିଲେ । ମାଲକାନଗିରି ୨୩ ଓଭରରେ ୨ ଉଇକେଟ ବିନିମୟରେ ୧୪୧ ରନ କରିଥିବା ବେଳେ କୋରାପୁଟ ୩୩ ଓଭରରେ ଅଲଆଉଟ ହୋଇଯାଇଥିଲେ । ମାଲକାନଗିରି ଦଳ ବିଜୟ ହୋଇଥିଲେ । ଏହି ଖେଳକୁ ଓାଇ ପ୍ରସାଦ ପରିଚାଳନା କରିଥିବା ବେଳେ ଜି କଟେଶ୍ୱର, ପଂଚାନନ ପାଳ, ବାଲ୍ୟ ପାଣିଗ୍ରାହୀ ପରିଚାଳନା କରିଥିଲେ । ଆମ୍ପାୟର ବୌରପ ଦାସ, ଆବୟଡ ନାୟକ ଥିଲେ ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ କୃତିଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଖଇରା, ୨୩/୦୧ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଶନିବାର ଦିନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ପରିଚାଳନା କମିଟିର ସଭାପତି ପ୍ରଫେସର ଉମେଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ଡମ୍ବରୁଧର ବାରିକ ସମ୍ପାଦିକା ସରସ୍ୱତୀ ସାହୁ, ସହ ଶିକ୍ଷୟତ୍ରୀ ବାସନ୍ତିଲତା ଜେନା, ଲତିକା ପ୍ରଧାନ, ପ୍ରିୟଙ୍କା ବିଶ୍ୱାଳ, ଖବରଦାତା କୈଳାସ ଚନ୍ଦ୍ର ଦାସ, ନରେନ୍ଦ୍ର ପ୍ରସାଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏଭଳି ସମ୍ବର୍ଦ୍ଧନା ପିଲା ମାନଙ୍କୁ ଆଗକୁ ବଢିବାକୁ ପ୍ରେରଣା ଦେବ ବୋଲି କହିଥିଲେ । ଏହି ଅବସରରେ ୩ୟ ଶ୍ରେଣୀରେ ବୃତ୍ତିଧାରୀ ଛାତ୍ରୀ ପାୟଲ ପ୍ରିୟାଂଶି ମଲ୍ଲିକ, ଗାୟତ୍ରୀ ମଥାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ରିତାରାଣୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଣିନାଥପୁର ଜିବିୱାଇସି କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ଭଦ୍ରକ, ୨୩/୦୧ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ମଣିନାଥପୁର କ୍ରିକେଟ ପଡିଆରେ ଅନୁଷ୍ଠିତ ଗୋପବନ୍ଧୁ ୟୁଥ କ୍ଲବ ଅନୁକୂଲ୍ୟରେ ଅନୁଷ୍ଠିତ ଜିବିୱାଇସି କ୍ରିକେଟ ଟୁର୍ଣ୍ଣାମେ ଆଜି ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଂଟରେ ମୋଟ ଆଠଗୋଟି ଦଳ ଅଂଶ ଗ୍ରହଣ କରିଥିଲେ। ଯାଜପୁର ଫାଇଟର ୧୧ ଓ ବିନ୍ଦାସ ବୟ ଚିତାଲୋ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫାଇଟର ୧୧ ଟସ ଜିଣି ପ୍ରଥମେ ବ୍ୟାଟିଂ କରିବା ନିଷ୍ପତି ନେଇଥିଲା। ଏହି ଦଳ ନିର୍ଦ୍ଧାରିତ ଚାରି ଓଭରରେ ୩ ଉଇକେଟ ହରାଇ ୨୮ ରନ ସ୍କୋର କରିଥିଲା। ଜବାବରେ ବିନ୍ଦାସ ବୟ ଦଳ ୪ ଓଭରରେ ୩ ଉଇକେଟ ହରାଇ ୨୫ ରନ କରିବାକୁ ସମର୍ଥ ହୋଇଥିଲା। ଫଇଟର ୧୧ ଚାମ୍ପିଅନ ଓ ବିନ୍ଦାସ ବୟ ରନରସପ ହୋଇଥିଲା। ଦିଲ୍ଲିପ କୁମାର ଦାସ ମ୍ୟାନ ଅଫ ଦି ମ୍ୟାଚ ଓ ପ୍ରିୟ ରଞ୍ଜନ ବିଶ୍ୱାଳ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଅମ୍ପାୟାର ବିଜୟ ସେଠୀ ଓ ଲମ୍ବୋଦର ସେଠୀ ଖେଳ ପରିଚାଳନା କରିଥିଲେ। ଖେଳ ଶେଷରେ ସମାଜସେବୀ ବିଶ୍ୱମ୍ଭର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ସମାଜସେବୀ ଇଂ ଉତ୍କଳ କେଶରୀ ମହାନ୍ତି ମୁଖ୍ୟଅତିଥି, ସ୍ଥାନୀୟ ସ୍କୁଲ ପ୍ରଧାନଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ, ଯୁବକ ସଂଘ ସଭାପତି ସୁରଥ ଦାସ, ସମ୍ପାଦକ ଗଜେନ୍ଦ୍ର ଦାସ, ଗ୍ରାମ୍ୟ ରୋଜଗାର ସେବକ ନିଶିକାନ୍ତ ଜେନା, ଅରବିନ୍ଦ ନାୟକ, ଲୋକନାଥ ଦାସ, ପ୍ରଫୁଲ୍ଲ ନାୟକ, ଶିବପ୍ରସାଦ ଭୋଇ, ମନୋଜ ଦାସ, ମିହିର କୁମାର ଜେନା ଅତିଥି ଭାବେ ଯୋଗଦେଇ କୃତୀ ଖୋଳୀ ସମେତ ଚାମ୍ପିଅନ ଓ ରନରସପ ଦଳକୁ ପୁରସ୍କୃତ କରିଥିଲେ। ନିରଞ୍ଜନ ବେହେରା, ବିକ୍ରମ ଦାସ, ବବୁଲ ଦତ, ମନ୍ମଥ ଦାସ, ତପନ ସାମଲ, ପ୍ରକାଶ ଦାସ, ଶ୍ରୀକାନ୍ତ ଦାସ, ହରେକୃଷ୍ଣ ଦାସ ପ୍ରମୁଖ ଟୁର୍ଣ୍ଣାମେ ପରିଚାଳନା କରିଥିଲେ।

# ମଙ୍ଗଳାଘାଟ -ଷ୍ଟର୍ଲିନ୍ ରାସ୍ତାକୁ ଶହୀଦ ବେଙ୍ଗପାଣିଆ ନାମକରଣ ଦାବି

ପୁରୀ, ୨୩/୦୧ (ନି.ପ୍ର): ଶହୀଦ ବେଙ୍ଗପାଣିଆ ସ୍ମୃତି ସଂସଦ ଓ ଆପଣଙ୍କ ସେବା ପକ୍ଷରୁ ଶହୀଦ ବେଙ୍ଗପାଣିଆ ଶ୍ରଦ୍ଧାଞ୍ଜଳି ସଭା ପୂର୍ବାହ୍ନରେ ଗଦାଧର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶହୀଦ ବେଙ୍ଗପାଣିଆ ଓରଫ ହରିହର ପଣ୍ଡା ସୀମା ଆନ୍ଦୋଳନରେ ବ୍ରିଟିଶ ସହ ଲଢେଇ କରି ଶହୀଦ ହୋଇଥିଲେ । ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଙ୍କଜ ଲୋଚନ ପଲେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନ ଆମରିର ମହାସଚିବ ମନୋଜ କୁମାର ରଥ ,ସ୍ମୃତି ସଂସଦର ସଭାପତି ଦାମୋଦର ଦାସ ପ୍ରମୁଖ ଯୋଗଦେଇ ଶହୀଦଙ୍କ ସ୍ମୃତି ଚାରଣ କରିଥିଲେ । ମଙ୍ଗଳାଘାଟ-ଷ୍ଟର୍ଲିନ ବାଇପାସ ରାସ୍ତାକୁ ଶହୀଦ ବେଙ୍ଗପାଣିଆ ମାର୍ଗ ନାମରେ ନାମିତ କରିବା ପାଇଁ ଆଲୋଚନା ହୋଇଥିଲା । ଏଥିରେ ଶିକ୍ଷକ ବାମଦେବ ପ୍ରଧାନ, ବିଜୟ କୁମାର ଦାସ, ଜଗନ୍ନାଥ ବସ୍ତିଆ,ମଞ୍ଜୁବାଳା ନାୟକ, ଯମୁନାରାଣୀ ପୂଜାପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।

# ସୁଭାଷ ବୋଷଙ୍କ ୧୨୫ ତମ ଜନ୍ମ ଜୟନ୍ତୀ ପାଳିତ

ଜଳେଶ୍ୱର ୨୩/୧(ନିପ୍ର): ସମଗ୍ର ବିଶ୍ୱରେ ଜଣେ ରହସ୍ୟମୟ ନେତା, ନିରବ ସାଧକ, ଭାବନାର ଚିନ୍ତାକଜ୍ଞ ଓ ସତ୍ତା ପରିପ୍ରକାଶର ପ୍ରତୀକ ନେତାଜୀ ସୁଭାଷ ବୋଷଙ୍କ ଆଜି ୧୨୫ତମ ଜନ୍ମ ଜୟନ୍ତୀ ଜଳେଶ୍ୱରର ବିଭିନ୍ନ ସ୍ଥାନରେ ପାଳିତ ହୋଇ ଯାଇଛି । ରାଜ୍ୟସ୍ତରୀୟ ଗଠିତ କମିଟିର ଜଳେଶ୍ୱର ଶାଖା ପକ୍ଷରୁ ଭଂଜଶ୍ରୀଭବନଠାରେ କୋଭିଡ ଗାଇଡଲାଇନ୍ ଅନୁସାରେ ଆୟୋଜିତ ଜନ୍ମଜୟନ୍ତୀ ସଭାରେ ଡ. ରମାକାନ୍ତ ଭଂଜ ସଭାପତିତ୍ୱେ କରି ସ୍ୱାଗତ ଓ ସୂଚନା ପ୍ରଦାନ କରିଥିଲେ । ଜଳେଶ୍ୱରର ଆବାହକ ତଥା ଜିଲା କମିଟିର ସଭାପତି ଡ. ପ୍ରଫୁଲ୍ଲ କୁମାର ଦେ ନେତାଜୀଙ୍କ ସହସ୍ୟମୟ ଜୀବନୀ ପ୍ରକାଶ କରି କେନ୍ଦ୍ର ଓ ରାଜ୍ୟସ୍ତରୀୟ କମିଟି ୧୨୫ତମ ଜୟନ୍ତୀ ପାଳନ କରୁଥିବା ସମ୍ପର୍କରେ ସୂଚନା ଓ ଆସନ୍ତା ଦିନରେ ବିଦ୍ୟାଳୟ, ମହାବିଦ୍ୟାଳୟ ଗୁଡିକୁ ଯାଇ ଛାତ୍ରଛାତ୍ରୀଙ୍କୁ ନେତାଜୀଙ୍କ ଜୀବନାଦର୍ଶନ ସମ୍ପର୍କରେ ସୂଚନା ଦେବା ସମ୍ପର୍କରେ କହିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଜିତାରାମ ଦେ ଯୋଗ ଦେଇ ନେତାଜୀଙ୍କ ଦୁର୍ଯ୍ୟୟ ସାହସ, ଅଦମ୍ୟ ସାହସ, ଅଫୁରନ୍ତ କର୍ମଶକ୍ତି, ସୁ-ଶୃଙ୍ଖଳ କର୍ମରିତୀ, ନିରାଡାମ୍ବର ଜୀବନଶୈଳୀ, ଉତ୍ସର୍ଗୀକୃତ ଜୀବନ ଶୈଳୀ ଓ ଅନ୍ୟକୁ ଭଲ ପାଇବା ସହିତ ଦେଶ ପ୍ରେମର ପ୍ରକୃତ ନିର୍ଯ୍ୟାସ ସମ୍ପର୍କରେ ଦିକ୍ଷାନ୍ତ ଅଭିଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲିପ କୁମାର ଗିରି, ଶରତ କୁମାର ପରିଡା, ସୁଧିର କୁମାର କର, ବିଜୟ କାମିଲା, ସୁଦ୍ଧେଶ୍ୱର ପଣ୍ଡା, ମୂରଲୀ ପ୍ରଧାନ, ସୁଶାନ୍ତ ଦାସ, ଡ. ଅଜିତ୍ କୁମାର ମହାନ୍ତି, ଅବନୀ ଚାନ୍ଦ ପ୍ରମୁଖ ଯୋଗ ଦେଇ ଗାନ୍ଧିଜୀ, ନେତାଜୀ, ଲାଲାଜୀ କହିଲେ ଜଣେ ଜଣେ ବ୍ୟକ୍ତି ବିଶେଷଙ୍କ ବୁଝାଏ । ଜଣେ ବେଣି ମାଧବ ଦାସ ଜାତୀୟ ଏକତାକୁ ଅଭିମନ୍ତ୍ରୀତ କରି ନେତାଜୀ ସୁଭାଷ ବୋଷ ସୃଷ୍ଟି କରିପାରିଥିଲେ । ପ୍ରତ୍ୟେକ ଶିକ୍ଷକ ଏହାକୁ ବୀଜମନ୍ତ୍ରଭାବେ ଗ୍ରହଣ କରି ସେମାନଙ୍କ ଜୀବର୍ଦ୍ଦଶାରେ ଜଣେ ଛାତ୍ର ସୃଷ୍ଟି କରିବା ଉଚିତ ବୋଲି କହିଥିଲେ । ଆସନ୍ତା ଦିନରେ ଏହି କମିଟି ପକ୍ଷରୁ ଜଳେଶ୍ୱର ଏକ ପ୍ରତୀମୂର୍ତ୍ତି ନିର୍ମାଣ ସଂପର୍କରେ ସୂଚନା ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo